୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.224 Bhubaneswar Wednesday October 16 2024 | ୨୬ତମ ବର୍ଷ ସଂଖ୍ୟା–୨୨୪ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS


## ଧାନ ସଂଗ୍ରହ: ଜିଲ୍ଲା ଦାୟିତ୍ୱରେ ରହିବେ ମନ୍ତ୍ରୀ, ଟୋକନ୍ ଅବଧି ବଢ଼ାଇପାରିବେ ଜିଲ୍ଲାପାଳ



ଭୁବନେଶ୍ୱର,୧୫।୧୦(ପି.ଏନ):ଓଡିଶା ଇତିହାସରେ ପ୍ରଥମଥର ପାଇଁ ଚାଷୀଙ୍କଠୁ ଧାନ ସଂଗ୍ରହ ପ୍ରକ୍ରିୟାରେ ମନ୍ତ୍ରୀମାନଙ୍କୁ ଜିଲ୍ଲା ଦାୟିତ୍ୱ ଆବଂଟନ କରାଯାଇଛି । ପ୍ରତ୍ୟେକ ମନ୍ତ୍ରୀ ଗୋଟିଏ ଅବା ଦୁଇଟି ଲେଖାଏଁ ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହି ସରକାରଙ୍କ ନିମନ୍ତେ ଏକକ ଯୋଗସୂତ୍ରକାରୀ ଭାବେ କାର୍ଯ୍ୟ କରିବେ । ଏହାସହିତ ଚଳିତ ଖରିଫ ଋତୁରୁ ଧାନ ବିକ୍ରିବେଳେ କଟନୀ-ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରାଯିବ ଓ ଚାଷୀମାନଙ୍କ ଟୋକନ୍ ଅବଧିକୁ ଜିଲ୍ଲାପାଳମାନେ ମଧ୍ୟ ଆବଶ୍ୟକତା ଅନୁସାରେ ବୃଦ୍ଧି କରିପାରିବେ । ରାଜ୍ୟର ବିଜେପି ସରକାର ନିଜ ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ଚଳିତ ଖରିଫ ଋତୁରୁ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ବୋନସ୍ ଦେବାକୁ ନିଷ୍ପତ୍ତି ନେଇଥିବାରୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅତ୍ୟନ୍ତ ସ୍ୱଚ୍ଛ ଓ ପାରଦର୍ଶୀ କରି ବିଗତ ଦିନରେ ଚାଲିଥିବା ଅନିୟମିତତା, ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଦକ୍ଷେପ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଚଳିତବର୍ଷ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମୀକ୍ଷା କରି ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଥମଥର ପାଇଁ ଧାନର ସର୍ବନିମ୍ନ ମୂଲ୍ୟ ଉପରେ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ଅତିରିକ୍ତ ଦିଆଯାଉଛି । ସେଥିପାଇଁ ଚାଷୀମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ରହିଛି । ତେଣୁ ଧାନସଂଗ୍ରହ ପ୍ରକ୍ରିୟା ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବ ସେଥିପାଇଁ ପ୍ରତ୍ୟେକ ମନ୍ତ୍ରୀ ଗୋଟିଏ ଅବା ଦୁଇଟି ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବେ । ସେମାନେ ସରକାରଙ୍କ ପାଇଁ ଓ୍ୱାନପଏଂଟ କଣ୍ଟାକ୍ଟ ଭାବେ କାର୍ଯ୍ୟ କରିବେ । ମନ୍ତ୍ରୀମାନେ ଜିଲ୍ଲା ତଥା ବିଭିନ୍ନ ମଣ୍ଡି ଗସ୍ତ କରି ଚାଷୀମାନଙ୍କ କଥା ଶୁଣି ତା'ର ପ୍ରତିକାର କଲେ ସାଧାରଣ ଜନତା ସରକାରଙ୍କ ଆନ୍ତରିକତା ଅନୁଭବ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଧାନ ବିକ୍ରି ପାଇଁ ସମସ୍ତ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୮୩.୧୬ ପ୍ରତିଶତ ହେଉଛନ୍ତି କ୍ଷୁଦ୍ର ଚାଷୀ । ସେମାନେ ଯେପରି ବିନା ଅସୁବିଧାରେ ନିଜର ଧାନ ବିକ୍ରି କରିପାରିବେ ତାହା ସୁନିଶ୍ଚିତ କରିବା ଜିଲ୍ଲାପାଳମାନଙ୍କର ଦାୟିତ୍ୱ ଓ ଧାନ ସଂଗ୍ରହରେ କ୍ଷୁଦ୍ର ଚାଷୀଙ୍କୁ ପ୍ରାଥମିକତା ଦେବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଟୋକେନ୍ ଅବଧି ସମ୍ପର୍କରେ କ୍ଷୁଦ୍ର ଚାଷୀମାନେ ବିଶେଷ ସୂଚନା ପାଇପାରୁନାହାନ୍ତି । ତେଣୁ ସେମାନଙ୍କୁ ସଚେତନ କରିବା ସହ ଆବଶ୍ୟକସ୍ଥଳେ ଜିଲ୍ଲାପାଳମାନେ ସେମାନଙ୍କ ଟୋକେନ୍ ଅବଧିକୁ ବୃଦ୍ଧି କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବିଗତ ସରକାରରେ ଚାଷୀଙ୍କ ଟୋକେନ୍ ଅବଧି ସମାପ୍ତ ହୋଇଯିବା ଯୋଗୁ ସେମାନେ ଧାନ ବିକ୍ରିରେ ସମସ୍ୟା ହେଉଥିଲା । ଧାନର କଟନୀ-ଛଟନୀ ବନ୍ଦ କରିବା ପାଇଁ ଚାଷୀମାନେ ଯେପରି କେବଳ ଏଫଏକ୍ୟୁ ମାନର ଧାନକୁ ମଣ୍ଡିକୁ ଆଣିବେ ସେଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି । ତେଣୁ ଚାଷୀମାନଙ୍କ ହ୍ୱାଟସଅପ୍ ଗ୍ରୁପରେ ସେମାନଙ୍କୁ ବାରମ୍ବାର ଏ ସମ୍ପର୍କରେ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଧାନର ମାନ ନିର୍ଣ୍ଣୟରେ ମଣ୍ଡି ପରିଚାଳନା ଅଧିକାରୀମାନଙ୍କୁ ଉତ୍ତରଦାୟୀ କରିବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ବୈଜୟନ୍ତ ପଣ୍ଡା ହେଲେ ବିଜେପିର ଦିଲ୍ଲୀ ନିର୍ବାଚନ ଇନ୍‌ଚାର୍ଜ



ଭୁବନେଶ୍ୱର,୧୫।୧୦(ପି.ଏନ): ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମିଳିଛି ବଡ ଦାୟିତ୍ୱ । ଦିଲ୍ଲୀ ନିର୍ବାଚନ ଇନ୍ ?ଚାର୍ଜ ଭାବେ ତାଙ୍କୁ ଦାୟିତ୍ୱ ମିଳିଛି । ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଜେପି ଇନ୍ ?ଚାର୍ଜ ଭାବେ ଶ୍ରୀ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ସାଂସଦ ଅତୁଲ ଗର୍ଗଙ୍କୁ ସହକାରୀ ଇନଚାର୍ଜ ଭାବେ ମଧ୍ୟ ନିଯୁକ୍ତି ମିଳିଛି । ଉଭୟଙ୍କୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ନିଯୁକ୍ତି ଦେଇଛନ୍ତି ।

## ଓ୍ୱାୟନାଡ ଲୋକସଭା ପାଇଁ ୧୩ରେ ହେବ ଭୋଟିଂ, ରାହୁଲ ଛାଡିବା ପରେ ପଡିଥିଲା ଖାଲି



ଭୁବନେଶ୍ୱର,୧୫।୧୦(ପିଏନ):ଭାରତୀୟ ନିର୍ବାଚନ କମିଶନ ଆଜି ଝାରଖଣ୍ଡ ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି । ଏଥିସହ କେରଳର ଓ୍ୱାୟନାଡ ଲୋକସଭାର ଉପ ନିର୍ବାଚନର ତାରିଖ ମଧ୍ୟ ଘୋଷଣା ହୋଇଛି । ୨୦୨୪ ଲୋକସଭା ନିର୍ବାଚନ ବେଳେ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧି ଏଠାରେ ରେକର୍ଡ ବିଜୟ ହାସଲ କରିଥିଲେ ।ଏଥିସହ ସେ ରେଏବରେଲୀରୁ ମଧ୍ୟ ଜିତିଥିଲେ । ରେଜଲ୍ଟ ବାହାରିବା ପରେ ତାଙ୍କୁ ଓ୍ୱାୟନାଡ ଆସନ ଛାଡିବାକୁ ପଡିଥିଲା । ଏଠାରେ ଆସନ ଖାଲି ପଡିଥିବାରୁ ଆଜି ନିର୍ବାଚନ କମିଶନ ଉପ ନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ଉପ ନିର୍ବାଚନରେ କଂଗ୍ରେସ ପକ୍ଷରୁ ଓ୍ୱାୟନାଡରୁ ପ୍ରିୟଙ୍କା ଗାନ୍ଧି ଭଦ୍ରା ଲଢ଼ିବେ ।

## ଉପ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ: ଓ୍ୱାୟନାଡରୁ ଡେବ୍ୟୁ କରିବେ ପ୍ରିୟଙ୍କା



ଭୁବନେଶ୍ୱର,୧୫।୧୦(ପି.ଏନ): ପ୍ରଥମଥର ପାଇଁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି ପ୍ରିୟଙ୍କା ଗାନ୍ଧି ଭଦ୍ରା । ସେ କେରଳର ଓ୍ୱାୟନାଡ ଲୋକସଭା ଉପ ନିର୍ବାଚନ ଲଢ଼ିବେ । ଆଜି କଂଗ୍ରେସ ପକ୍ଷରୁ ବିଧିବଦ୍ଧ ଭାବେ ତାଙ୍କୁ ଓ୍ୱାୟନାଡରୁ ପ୍ରାର୍ଥୀ କରାଯାଇଛି । ଏହାବାଦ କେରଳ ୨ଟି ବିଧାନସଭା ଉପ ନିର୍ବାଚନ ପାଇଁ ମଧ୍ୟ କଂଗ୍ରେସ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । କେରଳର ପାଲକ୍କଡରୁ ରାହୁଲ ଏମଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ଚେଲାକାରାରୁ ରାମ୍ୟା ହରିଦାସ କଂଗ୍ରେସ ଟିକେଟ ପାଇଛନ୍ତି । ଆସନ୍ତା ନଭେମ୍ବର ୧୩ ତାରିଖରେ ଓ୍ୱାୟନାଡ ସମେତ ଏହି ଦୁଇ ବିଧାନସଭା ଆସନରେ ଭୋଟ ହେବ । ଏଥିପାଇଁ ଭାରତୀୟ ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ରାଜବୀ କୁମାରଙ୍କ ଘୋଷଣା ଅନୁଯାୟୀ, କେରଳର ଓ୍ୱାୟନାଡ ଲୋକସଭା ଆସନରେ ଉପ ନିର୍ବାଚନ ନଭେମ୍ବର ୧୩ରେ ଅନୁଷ୍ଠିତ ହେବ ।

## ଅମର ଶତପଥୀଙ୍କୁ ଦଳର ମୁଖପାତ୍ର ବାହାରର ରାସ୍ତା ଦେଖାଇବା ପ୍ରସଙ୍ଗରେ ଭିନ୍ନ ମତ



ଭୁବନେଶ୍ୱର,୧୫।୧୦(ପି.ଏନ): ନା ଏବେ ଅଛି କୌଣସି ନିର୍ବାଚନ, ନାହିଁ ଶାସକ ବିରୋଧୀ ମଧ୍ୟରେ ଟକ୍କରା ଟକ୍କରୀ ସ୍ଥିତି । ହେଲେ ରାଜ୍ୟ ରାଜନୀତିରେ ଭରିଛି ତାତି । ଗାଁଠୁ ସହର, ସବୁଠି ରାଜନୀତି ଚର୍ଚ୍ଚା । ସବୁଠି ଗୋଟିଏ ବିଷୟ, ବିଜେଡି କଳି । ଦଳର ଜଣେ ପ୍ରତିଷ୍ଠାତା ସଦସ୍ୟଙ୍କୁ ଦଳ ଛାଡିବାକୁ କହିବା, ତାହା ପୁଣି ଜଣେ କନିଷ୍ଠ କହିବା, ଏହାକୁ ଗ୍ରହଣ କରିପାରୁନାହାନ୍ତି ରାଜନୀତିରେ ରୁଚି ରଖୁଥିବା ଲୋକେ । ଏହାକୁ ନେଇ ବିଭିନ୍ନ ମହଲରୁ ଆସୁଛି ଭିନ୍ନ ମତ ।ଅମର ଶତପଥୀଙ୍କୁ ଦଳର ମୁଖପାତ୍ର ବାହାରର ରାସ୍ତା ଦେଖାଇବାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ନେତୃତ୍ୱ ଉପରେ ଉଠିଲାଣି ପ୍ରଶ୍ନବାଚୀ । ନବୀନଙ୍କ ହାତରୁ ଦଳର ଲଗାମ ଖସିଯାଇଥିବା ଲୋକେ କୁହାକୁହି ହେଉଛନ୍ତି । କାରଣ ୨୪ ବର୍ଷ ଧରି ନବୀନଙ୍କ ଶାସନକୁ ସାଧାରଣ ଜନତା ଦେଖିଥିଲା । ବିରୋଧୀ ଯେତେ ଗର୍ଜନ, ତର୍ଜନ କରୁ, ଯେତେ କୁତ୍ସା ରଟନା କରୁ, ସେସବୁକୁ ନଥିଲା ନବୀନଙ୍କ ନିଘା । ନା ନିଜେ କୌଣସି ଖରାପ ବ୍ୟବହାର ବା ଶବ୍ଦ କହୁଥିଲେ, ନାହିଁ ନିଜ ଦଳର ଅନ୍ୟମାନଙ୍କୁ କହିବାକୁ ଦେଉଥିଲେ । ହେଲେ ଏବେ ଲେନିନ ଅମରଙ୍କୁ ଦଳ ଛାଡି ଖୋଲାରେ ନିଶ୍ୱାସ ନେବାକୁ କହିବା ପଛର ରହସ୍ୟକୁ ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି ।ଲୋକେ କହୁଛନ୍ତି, ଏତେ ବଡ କଥା ଲେନିନ କହିଥିଲେ ସତ, କିନ୍ତୁ ତାହା ଥିଲା ନବୀନଙ୍କ ଉତ୍ତରାଧିକାରୀ ତଥା ମାନସ ସନ୍ତାନ ପାଣ୍ଡିଆନଙ୍କର । ପାଣ୍ଡିଆନ ସନ୍ୟାସ ନେବା କଥା ରାଜ୍ୟବାସୀଙ୍କ ଆଗରେ ବଡ ଦାଣ୍ଡରେ ଘୋଷଣା କରିଛନ୍ତି । ତେଣୁ ସେ ସର୍ବ ସମ୍ମୁଖକୁ ଆସି ଅମରଙ୍କୁ ଏମିତି କଥା କହି ପାରିବେ ନାହିଁ । ଏମିତି କଲେ ରାଜ୍ୟବାସୀ ନୁହଁନ୍ତି, ଦଳର ଅସନ୍ତୁଷ୍ଟଙ୍କୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇଯିବ ତାଙ୍କ ପାଇଁ । ତେଣୁ ନବୀନ ନିବାସରେ ରହି ସେ ତାଙ୍କ କଥା ଲେନିନଙ୍କ ମାଧ୍ୟମରେ କହିଛନ୍ତି । ଏମିତି ନ ହୋଇଥିଲେ, ଲେନିନଙ୍କୁ ନବୀନ କଦାପି କ୍ଷମା ଦେଇନଥାନ୍ତେ ବୋଲି ଲୋକଙ୍କ ମତ ଆସୁଛି ।ତେବେ ରାଜନୈତିକ ବିଶାରଦଙ୍କ ମତ, ଦଳର ଆଭ୍ୟନ୍ତରୀଣ ବ୍ୟାପାର ହେଉ ଅବା ସରକାର ସମ୍ବନ୍ଧରେ, ଅଥବା ଦଳ ସହ ଜଡିତ ଅନ୍ୟ କୌଣସି ଘଟଣା, ଯଦି କେହି ମନମୁଖୀ କରିଛି, ତା ବିରୋଧରେ ନବୀନ ଯଥୋଚିତ ପଦକ୍ଷେପ ନେଇଛନ୍ତି । କିନ୍ତୁ ଏହି କ୍ଷେତ୍ରରେ ନବୀନ ମଧ୍ୟ ନିରବ । ଏଥିରୁ ବିଶାରଦ ଆକଳନ କରୁଛନ୍ତି କି, ପାଣ୍ଡିଆନଙ୍କ ପାଇଁ ଦଳ ଭିତରରେ ଥିବା ଅସନ୍ତୋଷ ଦମନଲୀଳା ଆରମ୍ଭ ହୋଇଛି ।

## ୩ ବର୍ଷ ହେଲା ଲୁଟୁଥିଲେ ଠକ ! ଜାଣିପାରୁନଥିଲେ ବୁଢୀ ମାଉସୀ

ଭୁବନେଶ୍ୱର,୧୫।୧୦(ପି.ଏନ): ବୁଢୀ ମାଉସୀଙ୍କୁ ଠକିଦେଲେ ସାଇବର ଠକ । ୩ ବର୍ଷ ଧରି ତାଙ୍କ ନାଁରେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଲୁଟୁଥିଲେ ଟଙ୍କା । ହେଲେ ବୁଢୀ ମାଉସୀ ଜାଣିପାରୁନଥିଲେ । ଏବେ 'ସୁଭଦ୍ରା' ଟଙ୍କା ଲୁଟ୍ ବେଳେ ଜଣାପଡିଲା ପୂରା ଘଟଣା । ଠିକାମୀରେ ଶିକାର ହେବା ପରେ ବୁଢୀ ମାଉସୀ ଝିଅ ସହ ଆସି ଏବେ ଭୁବନେଶ୍ୱର ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ସମସ୍ତଙ୍କ ପାଖକୁ ଆସିଥିଲା 'ସୁଭଦ୍ରା' ଟଙ୍କା । ହେଲେ ବୁଢୀ ମାଉସୀ ଉଲ୍ଲାସ ପ୍ରଧାନଙ୍କ ପାଖକୁ 'ସୁଭଦ୍ରା' ଟଙ୍କା ଆସିଛି କି ନାହିଁ ଜାଣିପାରୁନଥିଲେ । ତେଣୁ ଉଲ୍ଲାସ ମାଉସୀ ଡିବିଟି ମୋବାଇଲ୍‌ରେ ଲିଙ୍କ କରି ଦେଖିବାକୁ ପାଇଲେ ନିଜ ନାଁରେ ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଯାଇଛି ।

## ଯେତେଦିନ ଯାଏଁ ପାଣ୍ଡିଆନ ଥିବେ, ସେତେଦିନ ଯାଏଁ ବିଜେଡି ଆସିବ ନାହିଁ : ପାଢଶାଣୀ



ଭୁବନେଶ୍ୱର,୧୫।୧୦(ପି.ଏନ): ପାଣ୍ଡିଆନଙ୍କୁ ନେଇ ସମାଲୋଚନା ଥମିବାର ନାଁ ନେଉନାହିଁ । ବିଜେଡି ପରାଜୟର କାରଣ ପାଣ୍ଡିଆନ ବୋଲି ଅନେକ ଦାବି କରୁଛନ୍ତି । ଅମର ଶତପଥୀଙ୍କ ପରେ ଆଜି ମୁହଁ ଖୋଲି ବଡ ବୟାନ ଦେଇଛନ୍ତି ପ୍ରସନ୍ନ ପାଢଶାଣୀ । ପାଣ୍ଡିଆନଙ୍କ ପାଇଁ ବିଜେଡି ଛାଡିଲି ବୋଲି ସେ କହିଛନ୍ତି । ଯେତେଦିନ ପାଣ୍ଡିଆନ ଥିବେ ବିଜେଡି କେବେ ମଧ୍ୟ ସରକାରକୁ ଆସିପାରିବ ନାହିଁ ବୋଲି ସେ କହିଛନ୍ତି ।ପାଢଶାଣୀଙ୍କ କହିବା ଅନୁସାରେ, "ଅମର ଶତପଥି ଯାହା କହିଛନ୍ତି କିଛି ବି ଖରାପ କହିନାହାନ୍ତି । ମୁଁ ପାଣ୍ଡିଆନ ପାଇଁ ହିଁ ଦଳ ଛାଡିଲି । ମୁଁ ବିଜେଡି ଲୋକ । ଦଳ ଗଢିକି ଛାଡିଲା ବେଳେ ବହୁତ ଦୁଃଖ ଲାଗେ । ମୁଁ କେବେ ବି ଦଳ ଛାଡିକି ଆସିନଥାନ୍ତି । କେବଳ ପାଣ୍ଡିଆନ ପାଇଁ ଦଳ ଛାଡିବା ପାଇଁ ବାଧ୍ୟ ହେଲି । ପାଣ୍ଡିଆନ ପାଇଁ ଲୋକପ୍ରିୟ ସରକାର ଚାଲିଗଲା । ମୋର ନବୀନ ଏବଂ ଦଳ ପ୍ରତି ଦୁର୍ବଳତା ରହିଛି । ଦଳ ହାରିବା ପରେ ଆଜି ଯାଏଁ କେହି ନବୀନଙ୍କୁ କିଛି କହୁନାହାନ୍ତି ବରଂ ପାଣ୍ଡିଆନଙ୍କୁ ହିଁ ଦାୟୀ କରୁଛନ୍ତି । ରାଜନୀତି କରିବା ପାଇଁ ଅନେକ ଭଲ ଏବଂ ଜ୍ଞାନି ଲୋକ ରହିଛନ୍ତି । ପାଣ୍ଡିଆନ ପଛରେ ଧାଇଁଲେ କଣ ମିଳିବ ।"ଏହାରି ଭିତରେ ଆଜି ପୁଣି ମୁହଁ ଖୋଲିଛନ୍ତି ବଡଚଣାର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଅମର ଶତପଥୀ । ଆଗକୁ ଓଡିଶା ରାଜନୀତିରେ ଅନେକ ବଡ ଘଟଣା ଘଟିବାକୁ ଯାଉଛି ବୋଲି ସେ ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି, "ମୁଁ ପୂର୍ବରୁ ଯେଉଁ ବୟାନ ଦେଇଥିଲି ତାଠୁ ଅନେକ ବିଜେଡି ବନ୍ଧୁ ସମର୍ଥନ କରୁଛନ୍ତି । ସେମାନେ ଖୋଲାଖୋଲି ଭାବେ କିଛି କହୁନଥିଲେ ହେଁ ଦଳ ସଜଡା ଯାଉ ବୋଲି ସେମାନଙ୍କର ଇଚ୍ଛା । ବିଜେଡି ପରିସ୍ଥିତିର ସୁବିଧା ନେଇ ଦଳୀୟ ସମର୍ଥନ ପାଉଛି । ଆଗକୁ ଯିବା ପାଇଁ ବର୍ତ୍ତମାନ ବିଜେପି ପାଇଁ କ୍ଷେତ୍ର ପ୍ରସ୍ତୁତ ହେଉଛି । ରାଜନୈତିକ ଦୃଶ୍ୟପଟ୍ଟରେ ଅନେକ ଘଟଣା ଘଟିବାକୁ ଯାଉଛି ।"

## ଇଭିଏମ ବ୍ୟାଟେରୀ ଓ ପେଜର୍ସକୁ ନେଇ ଏମିତି କହିଲେ ମୁଖ୍ୟ ନିର୍ବାଚନ କମିଶନର



ଭୁବନେଶ୍ୱର,୧୫।୧୦(ପିଏନ):ଗୋଟିଏ ଇଭିଏମର ବ୍ୟାଟେରୀ ଠିକ କ୍ୟାଲକୁଲେଟର ଭଳି । ସେହିପରି ପେଜର୍ସ ଭଳି ଇଭିଏମରେ କୌଣସି ପ୍ରକାରର ହେରଫେର କରାଯାଇ ପାରିବ ନାହିଁ ନାହିଁ ବୋଲି ଭାରତୀୟ ନିର୍ବାଚନ କମିଶନ କହିଛନ୍ତି । ପେଜର୍ସ ଭଳି ଇଭିଏମକୁ ମଧ୍ୟ ଟ୍ୟାମ୍ପରିଂ କରି ହେବ ବୋଲି କଂଗ୍ରେସ କରୁଥିବା ଅଭିଯୋଗ ଉପରେ ଆଜି ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର ଏପରି ମତ ରଖିଛନ୍ତି ।କଂଗ୍ରେସ ଅଭିଯୋଗ କରିଥିଲା ଯେ ହରିୟାଣା ବିଧାନସଭା ନିର୍ବାଚନ ବେଳେ ବିଭିନ୍ନ ବୁଥରେ ଇଭିଏମ ବ୍ୟାଟେରୀର ସ୍ତର ଭିନ୍ନଭିନ୍ନ ରହିଥିଲା । ତେଣୁ ଏହା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଛି ।ଆଜି ମହାରାଷ୍ଟ୍ର ଓ ଝାରଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିବା ବେଳେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଇଭିଏମର ବ୍ୟବହାର ସପକ୍ଷରେ ମତ ରଖିଛନ୍ତି । ସେ କହିଛନ୍ତି, ଇଭିଏମ ସଂପୂର୍ଣ୍ଣ ଭାବେ ସୁଦୃଢ଼ ଓ ସୁରକ୍ଷିତ ଥିଲା । ସେହିପରି ଗଲା ୧୫ରୁ ୨୦ଟି ନିର୍ବାଚନ ରେଜଲ୍ଟରୁ ସ୍ପଷ୍ଟ ହୋଇଛି ଯେ ଇଭିଏମରେ କୌଣସି ତ୍ରୁଟି ନାହିଁ । ବରଂ ଏହା ଭୋଟରଙ୍କ ପସନ୍ଦକୁ ଉଜାଗର କରିଛି ।

## ଦଶହରା ଛୁଟିରେ ବୁଲି ଆସିଥିଲେ ମାମୁଁଘର, ପୋଖରୀରେ ବୁଡି ଭାଇ-ଭଉଣୀ ମୃତ



ଭୁବନେଶ୍ୱର,୧୫।୧୦(ପି.ଏନ): କାଳ ସାଜିଲା ମଙ୍ଗଳବାର । ଗାଧୋଇବା ପାଇଁ ଆସିଥିବା ବେଳେ ବୁଡିଗଲେ ଭାଇ ଭଉଣୀ । ପୋଖରୀରେ ବୁଡି ଭାଇଭଉଣୀଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ତେବେ ଉଭୟଙ୍କର ମୃତଦେହକୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ । ବାଲିଅନ୍ତା ଥାନା ସୁବାଳ ଗ୍ରାମରେ ଘଟିଛି ଏହି ଅଭାବନୀୟ ଘଟଣା । ମୃତ ଭାଇଭଉଣୀଙ୍କର ବୟସ ୧୨ ଏବଂ ୮ ବର୍ଷ ହୋଇଥିବା ସୂଚନା ରହିଛି ।ସୂଚନା ଅନୁସାରେ, ଭାଇ ଭଉଣୀ ସାଙ୍ଗ ହୋଇ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ । ତେବେ ଗାଧୋଇବା ବେଳେ ହଠାତ୍ ସେଠାରେ ବୁଡି ଯାଇଥିଲେ । ପ୍ରଥମେ ପାଣିରେ ଭାଇ ବୁଡି ଯାଇଥିବା ବେଳେ ତାକୁ ଉଦ୍ଧାର କରିବା ପାଇଁ ଭଉଣୀ ମଧ୍ୟ ପାଣିକୁ ଡେଇଁ ପଡିଥିଲା । ଏହା ଦେଖି ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଗୋଟିଏ ପରିବାରର ଦୁଇ ଛୁଆଙ୍କର ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳ ସହିତ ପରିବାରରେ ଦୁଃଖର ଲହରୀ ଖେଳିଯାଇଛି । ସୂଚନା ଅନୁସାରେ, ଦୁହେଁ ମାମୁଁଘରକୁ ଦଶହରା ପାଇଁ ବୁଲିବାକୁ ଆସିଥିବା ବେଳେ ଏହି ଦୁର୍ଘଟଣା ଘଟିଛି ।

## ମହାରାଷ୍ଟ୍ର ଓ ଝାରଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଘୋଷଣା ହେଲା ତାରିଖ

ଭୁବନେଶ୍ୱର,୧୫।୧୦(ପି.ଏନ): ଅପେକ୍ଷାରେ ଅନ୍ତ ଘଟିଛି । ମହାରାଷ୍ଟ୍ର ଓ ଝାରଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଆଜି ଭାରତୀୟ ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି । ମହାରାଷ୍ଟ୍ରର ୨୮୮ଟି ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ । ଲୋକମାନେ ନଭେମ୍ବର ୨୦ରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ । ନଭେମ୍ବର ୨୩ରେ ଭୋଟ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ । ଏଥିପାଇଁ ୨୨ ଅକ୍ଟୋବରରେ ବିଜ୍ଞପ୍ତି ପ୍ରକାଶ ପାଇବ । ନାମାଙ୍କନ ଦାଖଲ ପ୍ରକ୍ରିୟା ଅକ୍ଟୋବର ୨୯ ଯାଏ ଚାଲିବ । ୧,୦୦,୧୮୬ ପୋଲିଂ ଷ୍ଟେସନ ହେବ । ୯ କୋଟିରୁ ଅଧିକ ଲୋକ ଏଠାରେ ମତାଧିକାର ସାବ୍ୟସ୍ତ କରିବେ । ଏହି ପୋଲିଂ ଷ୍ଟେସନଗୁଡିକ ମୋଟ ୫୨,୭୮୬ଟି ସ୍ଥାନରେ ତିଆରି କରାଯିବ । ଗ୍ରାମାଞ୍ଚଳରେ ୫୭,୫୮୨ ଓ ସହରାଞ୍ଚଳରେ ୪୨,୬୦୪ଟି ପୋଲିଂ ବୁଥ କରାଯିବ । ଝାରଖଣ୍ଡର ୮୧ଟି ବିଧାନସଭା ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ମତଦାନ ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟ ଭୋଟିଂ ନଭେମ୍ବର ୧୩ ଓ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ନଭେମ୍ବର ୨୦ ରେ ଅନୁଷ୍ଠିତ ହେବ । ନଭେମ୍ବର ୨୩ରେ ରେଜଲ୍ଟ ବାହାରିବ । ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ୨୫ ତାରିଖ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ଅକ୍ଟୋବର ୨୯ ରହିଛି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।



ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୧୬

# କୁମାରଉତ୍ସବ: ନିଶୀଥେ ବରଦା ଲକ୍ଷ୍ମୀଃ କୋ ଜାଗର୍ତ୍ତୀ ଭାଷିନୀ...



ଯଶସ୍ୱିନୀ ପଟ୍ଟନାୟକ

ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ । ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ୧୬ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି – ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି – ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ ।

ଓଡ଼ିଆ ଚିନ୍ତା ଚେତନାରେ କୁମାର ଉତ୍ସବ ବା କୁମାର ପୁର୍ଣ୍ଣିମା ଅନ୍ୟତମ । ଆଶ୍ୱିନ ମାସ ପୂର୍ଣ୍ଣିମୀ ତିଥିରେ ଏହି ପର୍ବଟି ପାଳିତ ହୁଏ । ଏହି ଦିନ ଜଗତ୍‌ମାତା ବା ଲକ୍ଷ୍ମୀ ଦେବୀଙ୍କ ପୂଜା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା କୁହାଯାଏ । ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଶ୍ରୀ ଲକ୍ଷ୍ମୀ । ଶାରଦୀୟ ପୂର୍ଣ୍ଣିମାରେ ଲକ୍ଷ୍ମୀ ଦେବୀଙ୍କର ଆରାଧାନା କରିବା ତ ସ୍ୱାଭାବିକ କଥା । ଶରତର ଶେଷ ସହିତ ହେମନ୍ତର ଆଗମନ । ଶସ୍ୟ ସବୁଜିମାରେ ପରିପୂର୍ଣ୍ଣ ଧରିତ୍ରୀ କେଉଁଠି କେମିତି ପାଚିଲା ଧାନକିଆରୀର ସୁନେଲୀ ଆଡ଼ମ୍ବର । ବର୍ଷାଋତୁତ ଧରାପୃଷ୍ଠରୁ ବିଦାୟ ନେଇ ସାରିଥାଏ ତେଣୁ ନିର୍ମଳ ଆକାଶ, ନଦୀ, ପୁଷ୍କରିଣୀର ଜଳରାଶି ଅନାବିଳ । ସତେଯେପରି ମାଆ ଧରିତ୍ରୀ ହସୁଛନ୍ତି । ଏହି ସମୟରେ ଗଜପୃଷ୍ଠରେ ଲକ୍ଷ୍ମୀ ଦେବୀଙ୍କର ହୁଏ ପଦାର୍ପଣ । ଭକ୍ତିପୂତ ହୃଦୟର ନିବେଦନ ଶୁଣି ମହାଲକ୍ଷ୍ମୀ ରାତ୍ରୀ ସମୟରେ ଭକ୍ତ ଗୃହରେ ଉପସ୍ଥିତ ହୋଇ କୁହନ୍ତି 'ନିଶୀଥେ ବରଦା ଲକ୍ଷ୍ମୀଃ କୋ ଜାଗର୍ତ୍ତୀ ଭାଷିନୀ, ତସ୍ମୈ ବିତଂ ପ୍ରୟଚ୍ଛାମିସ୍ମିଃ ଅକ୍ରୋଡ଼ାଂ କରୋତି ଯଃ' । ଯିଏ ରାତ୍ର ଉଜାଗର ରହି ପଶାଖେଳରେ ନିଯୁକ୍ତ ରହେ ତାହାକୁ ହିଁ ଲକ୍ଷ୍ମୀ ଦେବୀ ବରପ୍ରଦାନ କରନ୍ତି । ମୃତ୍ୟୁର କରାଳ କବଳରେ ନବଜାତକ ଅକସ୍ମାତ ପତିତ ହେବା କିମ୍ବା ପୌଷର ଶୁଷ୍କପତ୍ର ତୁଲ୍ୟ ବୃଦ୍ଧଗଣ ମୃତ୍ୟୁ ପ୍ରତୀକ୍ଷାରେ ଅତିଷ୍ଠ ହୋଇ ଉଠିବା – ଏତ ସଂସାରର ନିୟମ । ଏହାର ବ୍ୟଞ୍ଜନାତ୍ମକ ଅଭିବ୍ୟକ୍ତ ହେଉଛି ପଶାଖେଳ । ତେଣୁ କୁମାର ପୂର୍ଣ୍ଣମୀରେ ପଶାଖେଳର ପ୍ରଚଳନ – ଏଇ ସାଂସାରିକ ତତ୍ତ୍ୱର ଉପଲବ୍ଧି ପାଇଁ । ମା'ଲକ୍ଷ୍ମୀଙ୍କର ନିର୍ଦ୍ଦେଶ, ଯେଉଁ ବ୍ୟକ୍ତି ଏ ଉଠାପଡ଼ା ଦୁନିଆରେ ନିଜ ପୁରୁଷାକାର ଦ୍ୱାରା ସ୍ଥିର ରହେ ସେହି କେବଳ ଜିତାପଟ ନିଏ । କାରଣ ଲକ୍ଷ୍ମୀଙ୍କର ଅନ୍ୟ ନାମ ଚଞ୍ଚଳା । ସେ କାହାକୁ ହସାନ୍ତି ତ କାହାକୁ କନ୍ଦାନ୍ତି । କାହା ମୁଣ୍ଡରେ ରାଜମୁକୁଟ ପିନ୍ଧାନ୍ତି ତ କାହାକୁ ଦାଣ୍ଡର ଭିକାରୀ କରନ୍ତି । ତେଣୁ ରୋଗ, ଶୋକ, ଅଭାବ, ଅନାଟନର ଅନ୍ଧକାର ରାତ୍ରିରେ ଯିଏ ଉଜାଗର ରହେ ଏବଂ ଅସ୍ଥିର ଓ କ୍ଳାନ୍ତ ହୁଏ ନାହିଁ ସେହି କେବଳ ଲକ୍ଷ୍ମୀଙ୍କର ବରପୁତ୍ର ହୁଏ । ତେଣୁ କୁମାର ପୂର୍ଣ୍ଣମୀରେ ଉଜାଗର ରହିବା ପ୍ରଥା ଓଡ଼ିଶାର ବହୁ ସ୍ଥଳରେ ପ୍ରଚଳନ ରହିଛି । କୁମାର ପୂର୍ଣ୍ଣମୀ ରାତ୍ରିରେ ଚୁଡ଼ା ଓ ନଡ଼ିଆରେ ଶ୍ରୀଲକ୍ଷ୍ମୀଙ୍କର ଅର୍ଚ୍ଚନା କରାଯାଏ । ଏହା ମଧ୍ୟ ପୁରାଣରେ ବର୍ଣ୍ଣିତ ଅଛି – 'ନାରିକେଳେଶ୍ଚି ପିଟକୈଃ ପିତମ୍ ଦେବାନ୍ ସମର୍ଚ୍ଚୟେତ୍, ବନ୍ଧୁଂଶ୍ଚ ପ୍ରୀନୟେତ୍ତେନ ସ୍ୱୟଂ ତଦଶନୋ ଭବେତ୍' । ଚୁଡ଼ା ନଡ଼ିଆରେ ଲକ୍ଷ୍ମୀ ଦେବୀଙ୍କ ନୈବେଦ୍ୟ ପ୍ରସ୍ତୁତ କରିବାର ତାତ୍ପର୍ଯ୍ୟ ହେଉଛି – ଅନ୍ନହିଁ ଲକ୍ଷ୍ମୀଙ୍କର ରୂପମନ୍ତ ପ୍ରକାଶ । ସେହି ହେତୁରୁ ଧାନ ମଧ୍ୟ ଲକ୍ଷ୍ମୀ ନ୍ୟାୟରେ ପୂଜ୍ୟ । ଏହି ଦିନରେ ପୁଣି ଚନ୍ଦ୍ର ଓ କାର୍ତ୍ତିକଙ୍କର ପୂଜା କରାଯାଏ । ପ୍ରତ୍ୟେକ ଘରର କୁମାର କୁମାରୀ ମାନେ ନୂତନ ବସ୍ତ୍ର ପରିଧାନ କରନ୍ତି ଓ ସଂଧ୍ୟା ସମୟରେ ନବୋଦିତ୍ ଚନ୍ଦ୍ରଙ୍କର ଆରାଧନା କରନ୍ତି । କୁମାରୀମାନଙ୍କର ଏହା ଏକ ବଡ଼ ଉତ୍ସବ ଦିନ । ଏଥିପାଇଁ ମାସକ ପୂର୍ବରୁ ଏମାନଙ୍କର ପ୍ରସ୍ତୁତି ଚାଲିଥାଏ । ଭାଦ୍ରବ ପୂର୍ଣ୍ଣମୀ ବା ଇନ୍ଦୁ ପୂର୍ଣ୍ଣମୀ ଠାରୁ କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା କରନ୍ତି । ଜହ୍ନି ଫୁଲରେ କୋଠି ତିଆରି କରି, କଳସ ସ୍ଥାପନ କରି, ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି । ସେହି ପୂଜାର ଉଦ୍‌ଯାପନ ହୁଏ କୁମାର ପୂର୍ଣ୍ଣମୀରେ । ସନ୍ଧ୍ୟାର ପୂଜା ଉତ୍ସବ ବେଳେ ମଧ୍ୟ ଆକାଶରୁ ଗୋଧୂଳିର ରକ୍ତିମା ଲିଭି ନଥାଏ କିମ୍ବା ପୂର୍ଣ୍ଣମୀ ଜହ୍ନ ତାର ସମୁଦାୟ କାନ୍ତି ପ୍ରକାଶ କରିନଥାଏ । ଏହିପରି ମଧୁର ସନ୍ଧିବେଳାରେ ଚନ୍ଦ୍ର ପୂଜାର ଆୟୋଜନ ହୁଏ । ତେଣୁ ଏମାନେ ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟର ପୂଜା କରି ନିଜର ସୌଭାଗ୍ୟ କାମନା କରିଥାନ୍ତି । କୁମାରୀମାନେ କୌତୁକ କ୍ରୀଡ଼ାକରି କୁମାର ପୂର୍ଣ୍ଣମୀ ରାତ୍ରିଟି ଉଜାଗରରେ କଟାଇ ଦିଅନ୍ତି । ଏହି ପର୍ବ ଓଡ଼ିଶାର ଘରେ ଘରେ ପାଳିତ ହୁଏ ଏବଂ ଏ ଦିନ ଓଡ଼ିଶାବାସୀ ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରିଥାନ୍ତି ।

*ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ଆତ୍ମ କାହାଣୀ ଅନ୍ତେ ବୈଷ୍ଣବ ପାଣି



ନାଟ୍ୟସାରଥି ଅଭୟ କୁମାର ଦାସ

ପ୍ରତ୍ୟେକ ମହାପୁରୁଷଙ୍କ ଆତ୍ମକାହାଣୀ ସତ୍ୟ ଓ ତଥ୍ୟକୁ ନେଇ ଆଧାରିତ। ଏସବୁ ଆତ୍ମ ଲିପି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ଗୀତିନାଟ୍ୟ ଜଗତର ମଉଡମଣି ଗଣକବି ବୈଷ୍ଣବ ପାଣି ନିଜେ ଲେଖିଥିବା 'ପାଣି କବିଙ୍କର ଆତ୍ମକାହାଣୀ' ୧୯୫୫ ମସିହାରେ ତାଙ୍କ ନାତୁଣୀ ଜାମାତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହାୟତାରେ କଟକର ପ୍ରକାଶକ ଶ୍ରୀ ଗୋବିନ୍ଦ ସାହୁଙ୍କ ଦ୍ୱାରା ପ୍ରକାଶ ପାଇଥିଲା। ତାଙ୍କ ଆତ୍ମକାହାଣୀରେ ସେ ସେତେବେଳେ ଧର୍ମାନ୍ଧ ଓ ପ୍ରତିକ୍ରିୟାଶୀଳ ମୌଳବାଦୀ ସମାଜକୁ ଭୂକ୍ଷେପ ନକରି ସମସ୍ତ ଗୁପ୍ତ ଓ ଅଙ୍ଗେଲିଭା କାହାଣୀକୁ ପ୍ରକାଶ କରିଥିଲେ ଯାହାକି ତତ୍କାଳୀନ ସମ୍ଭ୍ରାନ୍ତ ସାହିତ୍ୟିକ ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ମାତ୍ର ୧୯୫୫ ମସିହା ଅର୍ଥାତ୍ ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ପ୍ରକାଶ ହେବା ପରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯାହାକି ୧୯୫୬ ମସିହା ବୈଶାଖ ଅମାବାସ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କ ମୁଖରୁ ଯାହା ଶୁଣିବାକୁ ମିଳେ ତାହା ଅତି କରୁଣ ଓ ହୃଦୟ ବିଦାରକ। ବୈଷ୍ଣବ ପାଣି ବାପା-ମାଆଙ୍କ ଦ୍ୱାରା ଲୀଳା ପଣ୍ଡାଙ୍କୁ ବିବାହ କଲା ପରେ ବି ସେଇ ଗ୍ରାମର ଶ୍ରୀ ଦଧି ସେଠୀଙ୍କ କନ୍ୟା ହାରାମଣି ସହ ମିଳାମିଶାକୁ ବରଦାସ୍ତ ନକରି ଗ୍ରାମବାସୀମାନେ ଛତିଶିପାଟକ ସଭା ଡାକି ବୈଷ୍ଣବ ପାଣିଙ୍କ ଘରକୁ ବାଛନ୍ଦ କଲାପରେ ସେ ଜିଦିଖୋର ମନୋଭାବ ପୂର୍ବକ ହାରାମଣିକୁ ବରମାଳା ଦେଇ ବିବାହ କରି ବିରୂପା ନଈ କୂଳରେ ଘର କରି ରହିଲେ। ସେତେବେଳେ ବୈଷ୍ଣବ ପାଣି ନାଟ୍ୟ ଜଗତରେ ବେଶ ସୁନାମ ଅର୍ଜନ କରି ସାରିଥିଲେ ଓ ଅନେକ କଳାକାର, ବାଦ୍ୟକାର ତଥା ଯାତ୍ରା ପ୍ରେମୀଙ୍କର ତାଙ୍କ ଘରକୁ ଆତଯାତ ଥିଲା। ଏତଦବ୍ୟତୀତ ନିଜେ ହାରାମଣି ବୈଷ୍ଣବ ପାଣିଙ୍କୁ ବାଛନ୍ଦ ଜନିତ ବାଧାବିଘ୍ନକୁ ଅନୁଭବ କରାଇ ଦେଉ ନଥିଲେ। ମାତ୍ର ହାରାମଣିର ଦେହାନ୍ତ ପରେ 'ପାଣି-ହାରାମଣି' ସର୍ତ୍ତ ଅନୁସାରେ ବିରୂପା ନଦୀ କୂଳରେ ସମାଧିଟିଏ ଗଢ଼ି ବୈଷ୍ଣବ ନିଜ ପୈତୃକ ଗୃହକୁ ଚାଲି ଆସିଥିଲେ। ତା ପୂର୍ବରୁ ତାଙ୍କ ବାପା-ମାଆ ଓ ପ୍ରଥମ ସ୍ତ୍ରୀ ନୀଳାଦେବୀଙ୍କ ଦେହାନ୍ତ ହୋଇ ସାରିଥିଲା। ସେତେବେଳକୁ ତାଙ୍କ ବୟସ ଅପରାହ୍ନରେ ପହଞ୍ଚି ସାରିଥିଲା। ଯାତ୍ରା ଦଳରେ କାମ କରିବାକୁ ସେ ସକ୍ଷମ ନଥିଲେ। ଏଣୁ ଅର୍ଥାଭାବ ଓ ବାଛନ୍ଦ ତାଙ୍କୁ ରସାତଳକୁ ଠେଲି ଦେଇଥିଲା। ସେତେବେଳେ ସେ କେବଳ ପ୍ରେୟସୀ ହାରାମଣିଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଯାଇଥିଲେ। ଗାଁର କୌଣସି ଲୋକ ତାଙ୍କୁ ଛୁଇଁବା ତ ଦୂରର କଥା ଆଡ଼ ଆଖିରେ ବି ଚାହୁଁ ନଥିଲେ। ତାଙ୍କର ଅତିପ୍ରିୟ ଶିଷ୍ୟ ଶ୍ରୀ ଯୋଗେନ୍ଦ୍ର ମିଶ୍ର ଜାତି ଚାଲିଯିବା ଭୟରେ ପୂର୍ବଭଳି ତାଙ୍କ ଘରକୁ ଯିବା ଆସିବା ବନ୍ଦ କରିଦେଲେ। ଦିନ ଦିନ ଧରି ସେ ଖାଇବା ବିନା ଉପବାସ ରହୁଥିଲେ। ଦେହ ପାଇଁ ଔଷଧ କିଣିବାକୁ ପଇସାଟିଏ ପାଇଲେନି। ଇଚ୍ଛା ଥିଲେ ବି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରି ପାରିଲେନି। ଯେଉଁ ବୈଷ୍ଣବ ପାଣିଙ୍କୁ ଟିକେ ଦେଖିବା ପାଇଁ ଲୋକେ ଧାଡ଼ି ବାନ୍ଧୁଥିଲେ ବୈଷ୍ଣବ ପାଣି ଯାତ୍ରାକୁ ଦେଖିବା ପାଇଁ ରାତି ରାତି ଅନିଦ୍ରା ହୋଇ ରୁଣ୍ଡ ହେଉଥିଲେ। ସେ ହି ବୈଷ୍ଣବ ପାଣି କିନ୍ତୁ ସମାଜ ପାଇଁ ଅଲୋଡ଼ା ହୋଇଗଲେ। ସେ ଅଚଳ ଅବସ୍ଥାରେ ନିଜ ଖଣ୍ଡିଆ କୁଡ଼ିଆ ଘରେ ପଡ଼ିରହିଲେ।

ଯୁଗେ ଯୁଗେ ଗୁରୁଶିଷ୍ୟ ସମ୍ପର୍କର ପବିତ୍ରତା ରହିଆସିଛି ଓ ରହିବ ମଧ୍ୟ। ସେହି ମର୍ମରେ ତାଙ୍କ ପ୍ରିୟ ଶିଷ୍ୟ ଯୋଗୀ ମିଶ୍ର ତାଙ୍କ ଗୁରୁ ବୈଷ୍ଣବ ପାଣିଙ୍କୁ ଛାଡ଼ି ସମ୍ଭାଳି ରହିଥାନ୍ତେ କେମିତି ! ଗୁରୁଙ୍କର ଏ ଅବସ୍ଥା ସମ୍ବନ୍ଧୀୟ ଖବର ପାଇ ତତ୍କାଳୀନ କୋଠପଦା ମଠ ମହନ୍ତ ତପୋନିଧି ରାମନାଥ ପୁରୀ ଗୋସ୍ୱାମୀଙ୍କୁ ଧରି ବୈଷ୍ଣବଙ୍କ କୁଡ଼ିଆ ଘରେ ଆସି ପହଞ୍ଚିଛନ୍ତି ଓ ମଠ ପ୍ରସ୍ତୁତ ରଘୁନାଥଜୀଉଙ୍କ ପ୍ରସାଦ ସେବନ କରାଇ ମହନ୍ତ ଗୋସ୍ୱାମୀଙ୍କ ଦ୍ୱାରା ଅଛୁଆଁରୁ ମୁକ୍ତ ହୋ ଜାତିରେ ମିଶିଯିବାକୁ ପ୍ରସ୍ତାବ ଦେଇଛନ୍ତି। ଚାରିଦିନ ହେବ ଭୋକ ଉପବାସରେ ପଡ଼ି ରହିଥିବା ବୈଷ୍ଣବ ପ୍ରସାଦ ସେବନ କରି ପ୍ରିୟ ଶିଷ୍ୟ ଯୋଗେନ୍ଦ୍ର ମିଶ୍ରଙ୍କୁ ଅର୍ଜସ ଆଶୀର୍ବାଦ ଢ଼ାଳି ଦେବା ସହ ମହନ୍ତ ଗୋସ୍ୱାମୀଙ୍କୁ ଧନ୍ୟବାଦ ପ୍ରଦାନ କଲେ ସତ; ମାତ୍ର ଜାତି ଆଉ ଅଛୁଆଁ ବାବଦରେ ଥର ଥର କଣ୍ଠରେ କହିଲେ 'ଜାତି କାହାକୁ କହୁଛନ୍ତି ଗୋସେଇଁ ! ମୋ ମତରେ ତ ଜାତି ହେଉଛି ଦୁଇଟା, ଗୋଟାଏ ପୁରୁଷ ଜାତି ଅନ୍ୟଟି ନାରୀ ନାରୀ ଜାତି। ମୋ ବାପା ମା ଜନ୍ମ ଦିନରୁ ହିଁ ମୋତେ ପ୍ରଭୁ ଜଗନ୍ନାଥଙ୍କ ବଡ଼ ଛତା ତଳେ ବୈଷ୍ଣବ କରି ଦେଇଛନ୍ତି। କଥାରେ ପରା ଅଛି, ବାର ଜାତି ତେର ଗୋଲା ବୈଷ୍ଣବ ହେଲେ ସବୁ ଗଲା। ଏହାଛଡ଼ା ମଣିଷ, ଜୀବନରେ କେବଳ ଦୁଇଥର ଅଛୁଆଁ ହୋଇଥାଏ। ଥରେ ନିଜେ ଜନ୍ମ ହେଲା ବେଳେ ଆଉ ଥରେ ମରିଗଲା ବେଳେ। ମୁଁ ଲୋକମାନଙ୍କୁ ବହୁତ ଭଲ ପାଏ। ଏଇ ମାନଙ୍କ ପାଇଁ ମୁଁ କେତେ ଗୀତିନାଟ୍ୟ, ଭଜନ ଜଣାଣ, ଫାର୍ସ ଲେଖିଛି, ଗାଇଛି, ନାଚିଛି। ମୋର ଏ ଘରକୁ ପାଠାଗାର କରିବା ପାଇଁ ଶିକ୍ଷାମନ୍ତ୍ରୀ ଡ.ରାଧାନାଥ ରଥଙ୍କୁ ଚିଠି ଲେଖିଛି। ଆଜି ମୋର ଏ ଶେଷ ଅବସ୍ଥାରେ ମୋତେ କେହି ଆଡ଼ ଆଖିରେ ଚାହୁଁ ନାହାଁନ୍ତି। ସମସ୍ତେ ମୋତେ ଘୃଣା କରୁଛନ୍ତି। ମୁଁ ମଲା ପରେ ମୋତେ ବୋଧ ହୁଏ କେହ ମନେରଖିବେ ନାହିଁ। ମୋ ଗୀତିନାଟ୍ୟ, ଭଜନ, ଜଣାଣ କେହି ପଢ଼ିବେନି କି ଦେଖିବେନି !!!

ଲୋକଙ୍କୁ ହସଉଥିବା ମଜଉଥିବା ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି ମହାନ କବି କାନ୍ଦି କାନ୍ଦି ନିଜ କ୍ଷୋଭ ପ୍ରକାଶ କରି ଅଚେତ ହୋଇ ପଡ଼ିଲେ। ସେ ଦିନ ମଠ ମହନ୍ତ ଓ ଯୋଗୀ ମିଶ୍ରଙ୍କ ସହାୟତାରେ ଶଗଡ଼ ଯୋଗେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଭେଷଜ ବିଭାଗରେ କିଛି ଦିନ ଚିକିତ୍ସିତ ହେଲାପରେ ୧୯୫୬ ମସିହା ମେ ମାସ ୧୦ ତାରିଖ ବୈଶାଖ ଅମାବାସ୍ୟା ଠିକ ଆଜିର ତିଥିରେ ଏହି ମହାନ ଗୀତିନାଟ୍ୟକାର, ବାଦ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଆଶୁକବି ଗଣକବି ବୈଷ୍ଣବ ପାଣିଙ୍କ ଦେହାନ୍ତ ହୋଇଥିଲା। କବି ମୁରାରୀ ମୋହନ ଜେନା, କାଳନ୍ଦୀ ପାଣିଗ୍ରାହୀ, ଗୋରାଚାନ୍ଦ ମିଶ୍ର, ନିତ୍ୟାନନ୍ଦ ମହାପାତ୍ର ଓ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସହାୟତାରେ କଟକର ଖାନନଗର ଶ୍ମଶାନ ଆପଣେଇ ନେଇଥିଲା ଏହି କାଳଜୟୀ ମହାପ ପୁରୁଷ କବି ବୈଷ୍ଣବ ପାଣିଙ୍କ ପାର୍ଥୀବ ଶରୀରକୁ।

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ଲକ୍ଷ୍ମୀ ରୂପେଣ ସଂସ୍ଥିତା...



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପରମ ପୁରୁଷ ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ପ୍ରସଙ୍ଗରେ କହିଛନ୍ତି – ମହାମାୟା ଦୁର୍ଗା ଦେବୀଙ୍କର ଦକ୍ଷିଣ ପାର୍ଶ୍ୱରେ ଲକ୍ଷ୍ମୀ ଦେବୀଙ୍କ ଅଧିଷ୍ଠାନ। ମା'ଦୁର୍ଗାଙ୍କର ଦୁଇ ଖ୍ୟାତନାମା କନ୍ୟା ଲକ୍ଷ୍ମୀ ଏବଂ ସରସ୍ୱତୀ। କଥାରେ ଅଛି ରୂପେ ଲକ୍ଷ୍ମୀ ଓ ଗୁଣେ ସରସ୍ୱତୀ। ମହାମାୟା ଦୁର୍ଗାଙ୍କର ପୂଜାରେ ତାଙ୍କ ଏହି ଦୁଇକନ୍ୟାଙ୍କର ମଧ୍ୟ ପୂଜା ହୁଏ। ତାହାଛଡ଼ା ପୃଥକ୍ ଭାବେ ବିଶେଷ ତିଥିରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କର ପୂଜା ଅନୁଷ୍ଠିତ ହୋଇଥାଏ। ମା'ଲକ୍ଷ୍ମୀ ଧନଧାନ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ। ଓଡ଼ିଶାର ଘରେ ଘରେ ମହା ଆଡ଼ମ୍ବରରେ ତାଙ୍କର ଆରାଧନା ହୁଏ। ପୂଜା ଶେଷରେ ଗୃହିଣୀ ମା'ଲକ୍ଷ୍ମୀଙ୍କ ପାଖରେ ଅଭ୍ୟୁଦୟ, ସମ୍ପଦ ଓ ଶ୍ରୀ ପ୍ରାର୍ଥନା କରନ୍ତି। ମା'ଲକ୍ଷ୍ମୀଙ୍କର କୃପାଲାଭ ନିମି ପ୍ରତି ଘରେ ଘରେ ମାଆମାନେ ପ୍ରତି ଗୁରୁବାର ଲକ୍ଷ୍ମୀଙ୍କର ବ୍ରତ ପାଳନ କରନ୍ତି। ବ୍ୟକ୍ତିଗତ ବା ପାରିବାରିକ ଜୀବନରେ ସମସ୍ତେ ବିଭବ, ଉନ୍ନତି ଓ ସୌନ୍ଦର୍ଯ୍ୟ କାମନା କରନ୍ତି। ଆଉ ମା'ଲକ୍ଷ୍ମୀ ହେଉଛନ୍ତି ଏ ସବୁର ଅଧିଷ୍ଠାତ୍ରୀ ଦେବୀ। ଲକ୍ଷ୍ମୀ ଦେବୀଙ୍କର ପୂଜାର ଆୟୋଜନ ମହାଆଡ଼ମ୍ବରରେ ହୁଏ କିନ୍ତୁ ଯେଉଁମାନେ ପୂଜା କରନ୍ତି ସେମାନେ ଯଦି ଅପରିଚ୍ଛନ୍ନ, କଦାଚାରୀ, ଭୋଜନ ବିଳାସୀ, ସ୍ୱେଚ୍ଛାଚାରୀ, କଳହ ପରାୟଣା, ହୀନସ୍ୱାର୍ଥପର ଓ କୁଚରିତ୍ରବାନ ସମ୍ପନ୍ନ ହୁଅନ୍ତି ସେଠାରେ ମହାଲକ୍ଷ୍ମୀ ଚଞ୍ଚଳା ହୋଇଉଠନ୍ତି। ଚଞ୍ଚଳା ଅର୍ଥ ମା'କୌଣସି ଏକ ଜାଗାରେ ସ୍ଥିର ହୋଇ ରହନ୍ତି ନାହିଁ। ଯେଉଁମାନେ ତାଙ୍କୁ ରଖି ପାରନ୍ତି ନାହିଁ ସେଠାରେ ମହାଲକ୍ଷ୍ମୀ ଚଞ୍ଚଳା। ଲକ୍ଷ୍ମୀପୂଜା ମାନେ କେତେକ ମନ୍ତ୍ରପାଠ, ଶଙ୍ଖ ଧ୍ୱନୀ, ପାନ, ସୁପାରୀ ଓ ଘଟ-ପଲ୍ଲବ-ସିନ୍ଦୂର ସଜାଇବା ନୁହେଁ। ଏହା ପୂଜାର ଆନୁଷ୍ଠାନ ବା ଆଙ୍ଗିକ କିନ୍ତୁ ଏହା ପୂଜା ନୁହେଁ। ଲକ୍ଷ୍ମୀ ପୂଜା ମାନେ ମହାଲକ୍ଷ୍ମୀ ଯେପରି ଭାବରେ ଚାଲିବା ପସନ୍ଦ କରନ୍ତି ସେହିଭାବରେ ଚାଲିବା ଓ ଦୈବୀ ଭାବକୁ ବିହିତ ଅନୁଶୀଳନ ଓ ଅଭ୍ୟାସ ଭିତର ଦେଇ ଚରିତ୍ରରେ ଫୁଟାଇ ଉଠାଇବା – ଏକ କଥାରେ ଲକ୍ଷ୍ମୀ ଦେବୀ ହୋଇ ଉଠିବା। ପୂଜା ସମୟରେ ପଥର ବା ମାଟିର ମୂର୍ତ୍ତିକୁ ଦେବତା ଭାବି ତାଙ୍କ ସମ୍ମୁଖରେ ଧୂପ, ଦୀପ, ନୈବେଦ୍ୟ ଦେଇ ପୁସ୍ତକରେ ଲିଖିତ ମନ୍ତ୍ରାଦି ପାଠ କରି ପୂଜା ହୁଏ। କିନ୍ତୁ ମହାଲକ୍ଷ୍ମୀଙ୍କ ଚରିତ୍ର ନିଜ ଭିତରେ ଫୁଟାଇ ନପାରିଲେ ସେ ପୂଜା ସାର୍ଥକ ଲାଭ କରେନାହିଁ। ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କୌଣସି ଦେବତାଙ୍କୁ କେବଳ ମନ୍ଦିରର ପ୍ରତିମା ହିସାବରେ ଦେଖନ୍ତି ନାହିଁ। ଦେବ ବା ଦେବୀଙ୍କର ଭାବମୂର୍ତ୍ତିକୁ ଆମ୍ଭମାନଙ୍କ ଭିତରେ ଜୀବନ୍ତ କରି ଉଠାଇବା ପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଗୁରୁତ୍ୱ ପ୍ରଦାନ କରିଛନ୍ତି। କୁଳମାଲିକ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ମହାଲକ୍ଷ୍ମୀଙ୍କୁ ପୂଜା କରିବା ଅର୍ଥ ତାଙ୍କର ଇଚ୍ଛା ବୁଝି ଓ ଜାଣି ସେହି ପ୍ରକାର ଚଳିବା ଯାହାଫଳରେ ମହାଲକ୍ଷ୍ମୀ ପ୍ରୀତ ହୁଅନ୍ତି। ମହାଲକ୍ଷ୍ମୀ ଯେଉଳି ଧନଧାନ୍ୟର ଅଧିଷ୍ଠାତ୍ରୀ ସେହିଭଳି ସୌନ୍ଦର୍ଯ୍ୟର ମଧ୍ୟ ଦେବୀ।

ଜଗତରେ ଯାହା କିଛି ସୁନ୍ଦର, ଶୋଭାର ଆଧାର, ପବିତ୍ରତାର ପ୍ରତୀକ ସେହିଠାରେ ହିଁ ମହାଲକ୍ଷ୍ମୀଙ୍କର ବସବାସ। ଈଶ୍ୱର ସତ୍ୟ-ଶିବ-ସୁନ୍ଦର। ଅତଏବ ସୌନ୍ଦର୍ଯ୍ୟ ଈଶ୍ୱରଙ୍କର ଗୋଟିଏ ଗୁଣ ଆଉ ମା'ଲକ୍ଷ୍ମୀ ସେହି ସୌନ୍ଦର୍ଯ୍ୟର ଦେବୀ। ଯାହାଙ୍କର ବାକ୍ୟ, ବ୍ୟବହାର, ପରିଚ୍ଛଦ, ଚରିତ୍ର, ଖାଦ୍ୟ, ଘରସଂସାର, କାର୍ଯ୍ୟକର୍ମ, ଖେଳାଧୂଳା, ଲେଖାପଢ଼ା, ସୁନ୍ଦର ଓ ନୟନାନନ୍ଦକର ସେହିଠାରେ ହିଁ ଲକ୍ଷ୍ମୀ ଅଚଳା ହୋଇ ଅବସ୍ଥାନ କରନ୍ତି। ଆଉ ଯେଉଁଠାରେ ଏହାର ବିପରୀତ ଚରିତ୍ର ଦେଖାଯାଏ ସେଠାରେ ମହାଲକ୍ଷ୍ମୀ ସଦା ଚଞ୍ଚଳା। ଶ୍ରୀ ଶ୍ରୀ ଲକ୍ଷ୍ମୀ ଦେବୀଙ୍କର ବ୍ରତରେ ଅଛି – ଦିବାନିଦ୍ରା ଅନାଚାର କ୍ରୋଧ ଅହଙ୍କାର, ଆଳସ୍ୟ କଳହ ମିଥ୍ୟାରେ ପୂରିଛି ସଂସାର, ଉଚ୍ଚ ହସ ଉଚ୍ଚ ଭାଷା କହେ ନାରୀଗଣେ, ସନ୍ଧ୍ୟାକାଳେ ନିଦ୍ରା ଯାଏ ଝଗଡ଼ା ଜନେ ଜନେ, ଦୟାମାୟା ଲଜ୍ଜା ଆଦି ଦେଇ ବିସର୍ଜନ, ଯେଠାରେ ସେଠାରେ କରେ ସ୍ୱେଚ୍ଛାରେ ଗମନ, ଶ୍ୱଶୁର ଶାଶୁଡ଼ୀ ଗଣେ ନୁହେଁ ଭକ୍ତିମତି, ବାକ୍ୟବାଣ ବର୍ଷେ ସଦା ସେମାନଙ୍କ ପ୍ରତି, ପତିଦେବତାଙ୍କୁ ହେଳା ନଶୁଣେ ବଚନ, ଛାଡ଼ି ଦେଇ ଗୃହସ୍ଥଳୀ ଛାଡ଼ିଛି ବନ୍ଧନ, ପୁରୁଷଙ୍କ ପରିହାସେ ସମୟ କଟାଇ, ମିଥ୍ୟା ଛଡ଼ା ସତ୍ୟ କଥା କେବେ ନାହିଁ କହି – ଏହି ଅବସ୍ଥାରେ ଲକ୍ଷ୍ମୀ ଚପଳା ବା ଚଞ୍ଚଳା। ଏହିପରି ମନୁଷ୍ୟମାନେ ଯଦି ଲକ୍ଷ୍ମୀପୂଜା କରନ୍ତି ସେ ପୂଜା ବାହ୍ୟ ଆଡ଼ମ୍ବରପୂର୍ଣ୍ଣ, ପ୍ରାଣହୀନ, ଅନୁଷ୍ଠାନ ବ୍ୟତୀତ ଆଉକିଛି ନୁହେଁ। ଯଦି ପୁରୁଷ ଓ ନାରୀ ଉଭୟେ ଲକ୍ଷ୍ମୀ ପୂଜା କରନ୍ତି ଏବଂ ଯେହେତୁ ଲକ୍ଷ୍ମୀ ମାତୃ ଦେବୀ ସେଥିପାଇଁ ଲକ୍ଷ୍ମୀ ପୂଜାରେ ମା'ମାନଙ୍କର ତତ୍ପରତା ବେଶୀ ଦେଖାଯାଏ। ମା'ମାନେ ହିଁ ସାଧାରଣତଃ ଉପବାସ କରି ଲକ୍ଷ୍ମୀ ବ୍ରତ ପାଳନ କରନ୍ତି ଓ ପୂଜା ଶେଷରେ ପରସ୍ପରକୁ ସିନ୍ଦୂର ଦିଅନ୍ତି। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ମହାଲକ୍ଷ୍ମୀଙ୍କର ବୀଜମନ୍ତ୍ରୀ ହେଉଛି – ଶ୍ରୀଂ ଅର୍ଥାତ୍ ମହାଲକ୍ଷ୍ମୀ ଶ୍ରୀ-ସ୍ୱରୂପିଣୀ। ଯେଉଁ ଗୃହରେ ଅନାଚାର, କଦାଚାର ଓ ବ୍ୟଭିଚାର ଘଟେ ସେଠାରେ ମହାଲକ୍ଷ୍ମୀ ଅନ୍ତର୍ହିତ ହୁଅନ୍ତି। ହୀନସ୍ୱାର୍ଥପରତା, ଅର୍ଥଲୋଭ, କଳହ, ଖିଟିମିଟିଆ ସ୍ୱଭାବ, ଅସହିଷ୍ଣୁତା, ହିଂସା, ସ୍ୱେଚ୍ଛାଚାରୀ ଚଳନ, ଗୁରୁଜନ ମାନଙ୍କୁ ଅଶ୍ରଦ୍ଧା, ଅହଂମ ତା, ଅନ୍ୟକୁ ଦବାଇବାର ବୁଦ୍ଧି, ଅଭିମାନ ଓ ଆଧିପତ୍ୟ ଯେଉଁଠାରେ ଦେଖାଯାଏ ସେଠାରେ ମହାଲକ୍ଷ୍ମୀ ହଜି ଯାଆନ୍ତି। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ମନୁଷ୍ୟ ନିଜର ଟଙ୍କା ପର, ଯେତେ ପାରିବ ମନୁଷ୍ୟ ଧର। ପୁଣି ଦୟାଳ ଠାକୁର କହିଛନ୍ତି ମା'ମାନଙ୍କର ଲକ୍ଷ୍ମୀ ପୂଜା କରିବା ଅର୍ଥ ବ୍ୟକ୍ତିଗତ ଭାବେ ସେମାନେ ଜଣେ ଜଣେ ଲକ୍ଷ୍ମୀ ହୋଇ ଉଠିବେ। ଲକ୍ଷ୍ମୀ ଆସିଛି 'ଲକ୍ଷ' ଧାତୁ ଠାରୁ – ଅର୍ଥ ଅଙ୍କନ, ଚିହ୍ନିତକରଣ, ଜ୍ଞାନ, ଦର୍ଶନ ଓ ଆଲୋଚନା। ଏହାର ଅର୍ଥ – ଯିଏ ଦେଖନ୍ତି, ଆଲୋଚନା କରନ୍ତି, ଗୁଣାଗୁଣ ବିଚାର କରନ୍ତି, ଯେଉଁଠାରେ ଯେଉଳି ଭାବେ ପ୍ରୟୋଜନ ତାହାକୁ ଚିହ୍ନିତ କରନ୍ତି – ଏହା ହିଁ ଲକ୍ଷ୍ମୀ ସ୍ୱଭାବ। ପରମ ପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ପ୍ରସଙ୍ଗରେ କହିଛନ୍ତି – ମହାଲକ୍ଷ୍ମୀ ଭିତରେ ଅଛି ଜ୍ଞାନ, ଦର୍ଶନ ଓ ସୌନ୍ଦର୍ଯ୍ୟ, ତେଣୁ ଲକ୍ଷ୍ମୀଙ୍କ ଆବାସ ସ୍ଥାନରେ ଅଜ୍ଞାନତା ଦୂର ହୁଏ, ସୁଦର୍ଶନ ଆସେ ଓ କୁତ୍ସିତ ଦୂର ହୋଇ ଆଲୋକ, ଦର୍ଶନ ଓ ଜ୍ଞାନର ପ୍ରକାଶ ଘଟେ। ମହାଲକ୍ଷ୍ମୀ ନାରାୟଣଙ୍କ ସହିତ ବୈକୁଣ୍ଠରେ ବାସ କରନ୍ତି। ବୈକୁଣ୍ଠର ଅର୍ଥ ବିଗତ କୁଣ୍ଠା ଯେଉଁଠାରେ, ଅର୍ଥ କୁଣ୍ଠା ଯେଉଁଠାରେ ନାହିଁ ଏହିପରି ମାନସିକ ଅବସ୍ଥା ହିଁ ବୈକୁଣ୍ଠ। ସେଥିପାଇଁ ଭକ୍ତକବି ମଧୁସୂଦନ ରାଓ କହିଛନ୍ତି – ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର। ସମସ୍ତ ପ୍ରକାର ସଙ୍କୋଚ, ସଂକୀର୍ଣ୍ଣତା ଓ ହୀନମନ୍ୟତା ତାର ଅବସାନ ଯେଉଁଠାରେ ତାହା ହିଁ ବୈକୁଣ୍ଠ। ଏହି ମାୟାଜାଲରୁ ଯେ ନିଜକୁ ମୁକ୍ତ ରଖି ଈଶ୍ୱରମୁଖୀ ଓ ଇଷ୍ଟମୁଖୀ ଚେତନାରେ ଅବସ୍ଥାନ କରି ସମସ୍ତ କୁଣ୍ଠାର ଅପନୋଦନ ଘଟାଇ ଇଷ୍ଟପ୍ରୀତ୍ୟର୍ଥେ ଜୀବନ ପରିଚାଳିତ କରନ୍ତି ସେ ହିଁ ବୈକୁଣ୍ଠରେ ସ୍ଥିତିଲାଭ କରନ୍ତି। ନାରାୟଣଙ୍କ ସହିତ ମହାଲକ୍ଷ୍ମୀ ଅବିଚ୍ଛେଦ୍ୟଭାବେ ବୈକୁଣ୍ଠରେ ଅବସ୍ଥାନ କରନ୍ତି। ତେଣୁ ଲକ୍ଷ୍ମୀ ପୂଜା ସମୟରେ ନାରାୟଣଙ୍କର ପୂଜା ଅବଶ୍ୟ କର୍ତ୍ତବ୍ୟ। ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଜଗତବାସୀଙ୍କ ପାଖରେ ମହାଲକ୍ଷ୍ମୀଙ୍କର ଏହି ଚରିତ୍ର ଓ ଆଦର୍ଶକୁ ତୋଳି ଧରିଛନ୍ତି। ଅର୍ଥ ଉପାର୍ଜ୍ଜନ ଯେଉଁମାନେ କରିବାକୁ ଚାହାଁନ୍ତି ସେମାନଙ୍କୁ ନାରାୟଣଙ୍କୁ ସେବା କରିବାକୁ ହେବ। ନାରାୟଣ ସେବା ଅର୍ଥ ମନୁଷ୍ୟ ମାନଙ୍କ ସହିତ ପ୍ରୀତିପୂର୍ଣ୍ଣ ବ୍ୟବହାର ଓ ସତ୍‌ମୁଖୀ ଚଳନ। ବିଶ୍ୱସତ୍ତାର ଦୁଇଟି ସମ ବିପରୀତ ସତ୍ତା – ଲକ୍ଷ୍ମୀ ଓ ନାରାୟଣ। ନାରାୟଣ ହେଉଛନ୍ତି ପଜିଟିଭ୍ ଓ ଲକ୍ଷ୍ମୀ ହେଉଛନ୍ତି ନେଗେଟିଭ୍। ତେଣୁ କଥିତ ଅଛି ଅନନ୍ତ ଶଯ୍ୟାରେ ଶାୟିତ ନାରାୟଣ ଓ ଲକ୍ଷ୍ମୀ ତାଙ୍କ ପଦ ସେବାରେ ରତ। ପଦ ଅର୍ଥ ଚରଣ ବା ଚଳନ। ନାରାୟଣଙ୍କ ନାଭି ପଦ୍ମରୁ ଜାତ ବ୍ରହ୍ମା, ସେ ସୃଷ୍ଟିକର୍ତ୍ତା। ବ୍ରହ୍ମା ଅର୍ଥ ଯାହାଙ୍କର ବୃଦ୍ଧି ଓ ଦିପ୍ତୀ ଅପରିମିତ। ସୃଷ୍ଟିର ପ୍ରଥମ ପ୍ରକାଶ ବ୍ରହ୍ମାଙ୍କ ଭିତରେ। ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଲାଭ ହୁଏ, ଆଉ ଏହି ସଂସାର ସମୁଦ୍ର ମନ୍ଥନରେ ଅନବଦ୍ୟ ଚେଷ୍ଟା ଓ ନିରଳସ ପରିଶ୍ରମରେ ସୌଭାଗ୍ୟ ଲକ୍ଷ୍ମୀ ବାନ୍ଧି ରୁହନ୍ତି। ମହାଲକ୍ଷ୍ମୀଙ୍କ ବାହନ ହେଉଛି ପେଚା। ଯାହାକି , ନିଶାଚର, ମାଂସାଶୀ ଓ ହିଂସ୍ର। ଏହି ପେଚକ ଚରିତ୍ରର ମନୁଷ୍ୟଙ୍କୁ ମହାଲକ୍ଷ୍ମୀ ତାଙ୍କର ବାହନ କରିଛନ୍ତି ଅର୍ଥ ନିଜ ପାଖରେ ରଖି ତାଙ୍କର ସ୍ୱଭାବ ସଂଶୋଧନ ନିମି ଚେଷ୍ଟା କରନ୍ତି। ଏହି ତାତ୍ପର୍ଯ୍ୟ ଓ ଲକ୍ଷ୍ମୀପୂଜା ଉଦ୍ଦେଶ୍ୟ ସମ୍ବନ୍ଧରେ ମନୁଷ୍ୟ ଜାତିକୁ ସଚେତନ କରି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଟଙ୍କାର ଯତ୍ନ କର ବା ନ କର, ମନୁଷ୍ୟର ଯତ୍ନ କର, ଲକ୍ଷ୍ମୀ କେଶବ ରହିବେ ବନ୍ଧା, ବିଭବରେ ତୁମେ ରହିବ ଅଟଳ।

*ସହ ପ୍ରତିରତ୍ୱିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ରାଷ୍ଟ୍ର ନିର୍ମାଣ ଓ ପରୋପକାରର ପ୍ରତୀକ : ରତନ ଟାଟା



ବାଦଲ ଭୂୟାଁ

ସଚ୍ଚୋଟତା, ନୈତିକ ନେତୃତ୍ୱ, ପରୋପକାର ଓ ବିନୟ ସ୍ୱଭାବର ପ୍ରତୀକ ଥିଲେ ରତନ ଟାଟା। ତାଙ୍କ ଜୀବନ ଯାତ୍ରାର ଉଜ୍ଜ୍ୱଳତା ସମଗ୍ର ବିଶ୍ୱକୁ ପ୍ରେରଣା ଯୋଗାଉଥିବାବେଳେ ତାଙ୍କ ଦେହାନ୍ତ ସହିତ ଏକ ଯୁଗର ଅବସାନ ଘଟିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଟାଟା ଗ୍ରୁପ୍‌କୁ ବିଶ୍ୱରେ ପରିଚିତ କରିବାରେ ସେ ଥିଲେ ବିନ୍ଧାଣି। ବ୍ୟବସାୟରେ ବିଚକ୍ଷଣ ଗୋଟି ଚାଳନାରେ ସେ ଥିଲେ ସିଦ୍ଧ ହସ୍ତ। ସାରା ଜୀବନ ଅବିବାହିତ ରହିଥିବା ରତନ ଟାଟା ସର୍ବଦା ଲୋକମାନଙ୍କ ମଙ୍ଗଳ ଚିନ୍ତା କରୁଥିଲେ। ତାଙ୍କ ଭଳି ଜଣେ ଶିଳ୍ପପତିଙ୍କୁ ହରାଇବା ଭାରତ ଲାଗି ଅପୂରଣୀୟ କ୍ଷତି ହୋଇଛି। ରତନ ଟାଟାଙ୍କ ଜୀବନରୁ ମିଳୁଥିବା ସବୁଠୁ ବଡ଼ ପ୍ରେରଣା ହେଉଛି ବଡ଼ ସ୍ୱପ୍ନ ଦେଖିବାକୁ ଭୟ କରନାହିଁ। ସ୍ୱପ୍ନ ଦେଖ ଓ ତାହାକୁ ପୂରଣ କରିବା ଲାଗି ଚେଷ୍ଟା କର। ପ୍ରଥମେ ଲୋକମାନେ ଉପହାସ କରିପାରନ୍ତି, କିନ୍ତୁ ସଫଳତା ମିଳିବା ପରେ ସମସ୍ତେ ତାହାକୁ ସ୍ୱୀକାର କରିବା ସହିତ ଗର୍ବିତ ହେବେ। ଟାଟା ଗ୍ରୁପ୍‌କୁ କେବଳ ଭାରତ ଭିତରେ ସୀମିତ ରଖିବାକୁ ରତନ ଟାଟା ଚାହୁଁ ନଥିଲେ। ତାହାକୁ ଏକ ବିଶ୍ୱ ପ୍ରସିଦ୍ଧ କମ୍ପାନୀରେ ପରିଣତ କରିବାକୁ ଚାହୁଁଥିଲେ। ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକୁ ଅଧିଗ୍ରହଣ କରି ସେ ସାରା ଦୁନିଆରେ ଟାଟାର ପଦଚିହ୍ନ ସୃଷ୍ଟି କରିପାରିଥିଲେ। ତାଙ୍କ ବୈପ୍ଳବିକ ଓ ଅଭିନବ ପଦକ୍ଷେପ ଲାଗି ଟାଟା ଦୁନିଆର କୋଣ ଅନୁକୋଣରେ ପହଞ୍ଚି ପାରିଥିଲା। ଏବେ ଟାଟା ଗ୍ରୁପର ଦୁଇ ତୃତୀୟାଂଶ ରାଜସ୍ୱ ବିଦେଶ ବଜାରରୁ ଆସୁଛି। ।ଟା ଗ୍ରୁପ ପ୍ରତିଷ୍ଠାତା ଜାମସେଦଜି ଟାଟା ଏବଂ ପୂର୍ବଜ ଜେଆରଡି ଟାଟାଙ୍କର ଦେଶର ଶିଳ୍ପ କ୍ଷେତ୍ରରେ ରହିଥିବା ସ୍ୱତନ୍ତ୍ର ଛାପକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ରତନ ଟାଟା। ଟାଟା ସନ୍ସରେ ତାଙ୍କର ତିନି ଦଶନ୍ଧିର ନେତୃତ୍ୱରେ ସେ ନିଜକୁ ପୁନଃ ଆବିଷ୍କାର କରିବା ସହ ଅତ୍ୟନ୍ତ ଭଦ୍ର, ଉଦାରଶୀଳ ଏବଂ ଦକ୍ଷ ଉଦ୍ୟୋଗୀ ଭାବେ ନିଜକୁ ଗଢ଼ି ତୋଳିଥିଲେ। ଟାଟା ସନ୍ସର ଅଧକ୍ଷ ହେବା ପରେ ରତନ ଟାଟା ଟାଟାଗ୍ରୁପ ପାଇଁ ଏକ ଅଭିନବ ଯୋଜନା ଗ୍ରହଣ କରିଥିଲେ। ଦେଶରେ ଲାଇସେନ୍ସ ରାଜ ଚାଲୁଥିବାବେଳେ ଟାଟା ଗ୍ରହଣ କରିଥିବା ଅଭିନବ ପଦକ୍ଷେପ ଅନେକଙ୍କ ଲାଗି ସ୍ୱପ୍ନ ଭଳି ଥିଲା। ୨୦୦୦ରେ ବ୍ରିଟେନର ଚା ପ୍ରସ୍ତୁତକାରୀ ଫାର୍ମ ଟିଟଲି ଏବଂ ଷ୍ଟିଲ କମ୍ପାନୀ କୋରସକୁ ଟାଟା ଗ୍ରୁପ ୧୨ ବିଲିୟନ ଡଲାରରେ ଅଧିଗ୍ରହଣ କଲା। କୌଣସି ଭାରତୀୟ କମ୍ପାନୀ ପକ୍ଷରୁ ଏହା ସେ ସମୟର ବଡ଼ ଅଧିଗ୍ରହଣ ଥିଲା। ଏହା ପରେ ପରେ ୨୦୦୮ରେ ଟାଟା ଗ୍ରୁପ ଅନ୍ୟ ଏକ ପ୍ରମୁଖ ଡିଲ ଦ୍ୱାରା ଜାଗୁଆର ଏବଂ ଲ୍ୟାଣ୍ଡ ରୋଭରକୁ ମଧ୍ୟ ଅଧିଗ୍ରହଣ କରିନେଲା। ଇଣ୍ଡିକା ଭଳି ପ୍ରଥମ କାର କମ୍ପାନୀ ସ୍ଥାପନା, ନାନୋ ଭଳି ସୁଲଭ କାର ପରିକଳ୍ପନା କେବଳ ଟାଟା ହିଁ କରିପାରିଥିଲେ। ଇଣ୍ଡିକାକୁ ବାଣିଜ୍ୟିକ ସଫଳତା ମିଳିଥିବା ବେଳେ ନାନୋ ଏତେଟା ସଫଳତା ପାଇ ପାରିନଥିଲା। ୨୦୦୪ରେ ଟିସିଏସକୁ ପୁଞ୍ଜି ବଜାରରେ ସୂଚୀଭୁକ୍ତ କରାଇଥିଲେ ଟାଟା। ଏହି ସମୟରେ ୧.୧୭ ବିଲିୟନ ଡଲାର ପୁଞ୍ଜି ବଜାରରୁ ଉଠାଣ ହୋଇଥିଲା। ବିଶେଷ କରି ବର୍ଷା ଓ ଖରାପ ପାଣିପାଗ ପରିସ୍ଥିତିରେ ସେମାନଙ୍କୁ ଆଶ୍ରୟ ଦେବାକୁ କହୁଥିଲେ। ସେ ପଶୁଙ୍କ ପ୍ରତି ଦୟାଳୁ ଭାବ ଦେଖାଇବା ପରେ ଦେଶର ଅନେକ ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନ ତାଙ୍କୁ ଅନୁସରଣ କରି ପଶୁଙ୍କ ଯତ୍ନ ନେଇଥିଲେ। ପଶୁଙ୍କୁ ଉଦ୍ଧାର କରି ତାଙ୍କ ଚିକିତ୍ସା କରୁଥିବା ବହୁ ସଂସ୍ଥାକୁ ସେ ସହଯୋଗ କରୁଥିଲେ। ଓଡ଼ିଶା ସହ ତାଙ୍କର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା। ଓଡ଼ିଶାରେ କଳିଙ୍ଗନଗର ପ୍ରୋଜେକ୍ଟ ଠାରୁ ଗୋପାଳପୁର ପର୍ଯ୍ୟନ୍ତ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ଭବ ହୋଇପାରୁଥିଲା। ବିଶେଷକରି ଓଡ଼ିଶା ଲିଭେବଲ ହାବିଟାଟ୍ ମିଶନ ମାଧ୍ୟମରେ ବସ୍ତୀ ବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନରେ ରତନ ଟାଟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ରତନ ଟାଟା କେବଳ ଜଣେ ସାଧାରଣ ମଣିଷ ନଥିଲେ। ରାଷ୍ଟ୍ର ନିର୍ମାଣ, ଉଦ୍ଭାବନ ଓ ପରୋପକାର ପ୍ରତି ତାଙ୍କର ନିରନ୍ତର ସମର୍ପଣ ଏକ ଅବିସ୍ମରଣୀୟ ଛାପ ଛାଡ଼ିଛି।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି*
*ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ*
*ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର*

# ଜଣେ ଯୋଗଜନ୍ମା ରତନ



ବିପିନ ବିହାରୀ ରାଉତ

ଭାରତୀୟ ଶିଳ୍ପ ଜଗତର ସବୁଠାରୁ ଉଜ୍ଜ୍ୱଳତମ ରତ୍ନ, ଦେଶର ଗର୍ବ ଓ ଗୌରବ ରତନ ଟାଟାଙ୍କ ପରଲୋକ ସହିତ ଏକ ଯୁଗର ଅବସାନ ଘଟିଛି। କୁହାଯାଏ ଧରାପୃଷ୍ଠକୁ ସେ ଆସିଥିଲେ ଜଣେ ସାଧାରଣ ବ୍ୟକ୍ତି ଭାବରେ କିନ୍ତୁ ଜଣେ ଅନୁଷ୍ଠାନ ହୋଇ ସେ ବିଦାୟ ନେଇଛନ୍ତି ଆମ ମାନଙ୍କ ଠାରୁ। ଟାଟା ଗ୍ରୁପକୁ ବିଶ୍ୱକୁ ପରିଚିତ କରିବାରେ ସେ ଥିଲେ ପ୍ରମୁଖ ସିଦ୍ଧହସ୍ତ ଓ ବ୍ୟବସାୟରେ ଜଣେ ବିଚକ୍ଷଣ ବ୍ୟକ୍ତିତ୍ୱ। ସାରା ଜୀବନ ଅବିବାହିତ ରହି ସବୁବେଳେ ଲୋକମାନଙ୍କ ମଙ୍ଗଳ ପାଇଁ ସେ ହିଁ ଚିନ୍ତା କରୁଥିଲେ। ଭାରତୀୟ ଶିଳ୍ପକୁ ବିଶ୍ୱ ବନ୍ଦିତା କରିବାରେ ସେ ଅଗ୍ରଣୀ ଭୂମିକା ନେଇଥିଲେ। କେବଳ ସେତିକି ନୁହେଁ ଟାଟା କମ୍ପାନୀକୁ ଅପହଞ୍ଚ ଦୂରତାରେ ପହଞ୍ଚାଇଥିବା ଏହି ବିଶିଷ୍ଟ ଶିଳ୍ପପତି ତାଙ୍କ କମ୍ପାନୀର ତମାମ ଲାଭର ପ୍ରମୁଖ ଭାଗ ଦାତବ୍ୟ କାର୍ଯ୍ୟ ପାଇଁ ଦାନ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ରତନ ଟାଟାଙ୍କୁ ଭଲ ପାଉଥିବା ଲୋକମାନଙ୍କର ଶ୍ରଦ୍ଧା ଯେ କେଉଁପରି ତାହା ତାଙ୍କ ଅନ୍ତିମ ଯାତ୍ରା ବେଳେ ପ୍ରମାଣିତ ହୋଇଛି। ଜଣେ ଉଦ୍ୟୋଗୀ ନୁହେଁ ବରଂ ପ୍ରକୃତ ଭାରତୀୟକୁ ହରାଇଲା ଆମ ଦେଶ। ସମସ୍ତେ ସେହି ମହାନ ପୁରୁଷ, ପରୋପକାରୀ ଓ ଦାନବୀରଙ୍କ ବିୟୋଗରେ ପ୍ରଶଂସମୁଖର ହୋଇଛନ୍ତି। ୧୯୩୭ରେ ଟାଟା ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ମାତ୍ର ଦଶ ବର୍ଷ ବୟସ ବେଳେ ପିତା ମାତା ଅଲଗା ହୋଇଯାଇଥିଲେ। ଜେଜେମାଙ୍କ ଦ୍ୱାରା ତାଙ୍କ ବାଲ୍ୟକାଳ ବଢ଼ିଥିଲା। ପରବର୍ତ୍ତୀ ସମୟରେ ସୁନାମଧନ୍ୟ ହାର୍ଭାଡ଼ ଆଡ଼ଭାନ୍ସ ମ୍ୟାନେଜମେଣ୍ଟ କୋର୍ସ କରିଥିଲେ ଏବଂ ଟାଟା ଗ୍ରୁପର ବିଭିନ୍ନ କମ୍ପାନୀରେ ନିମ୍ନ ପଦବୀରେ ରହି ନିଜ କ୍ୟାରିୟର ତିଆରି କରିବା ଆରମ୍ଭ କରିଥିଲେ। କଠିନ ପରିଶ୍ରମ ବଳରେ ୧୯୭୧ରେ ସେ ନେଲକୋର ନିର୍ଦ୍ଦେଶକ ହୋଇଥିଲେ। ତେବେ ଓଡ଼ିଶା ସହ ତାଙ୍କର ବିଶେଷ ସମ୍ପର୍କ ଓ ଓଡ଼ିଶା ବିକାଶରେ ତାଙ୍କର ପ୍ରମୁଖ ଯୋଗଦାନ ରହିଛି। ତାଙ୍କ ଜୀବନକାଳ ଭିତରେ ଅନେକଥର ସେ ଓଡ଼ିଶା ଆସିଛନ୍ତି। ତାଙ୍କର ଓଡ଼ିଶା ପ୍ରତି ଅକୁଣ୍ଠ ଭଲ ପାଇବାର ବଡ଼ ପ୍ରମାଣ ରହିଛି। ଯାଜପୁର କଳିଙ୍ଗନଗରର ଇସ୍ପାତ କାରଖାନାର ପରବର୍ତ୍ତୀ ସମୟରେ ଗୋପାଳପୁରରେ ଏସଇଜେଡ଼ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଅନେକ ଲୋକଙ୍କ ଜୀବନଧାରାକୁ ବଦଳାଇ ପାରିବାରେ ସକ୍ଷମ ହୋଇପାରିଥିଲେ। ୧୯୯୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହରାଓଙ୍କ ସହ ଗୋପାଳପୁର ଇସ୍ପାତ କାରଖାନାର ଭିତ୍ତି ପ୍ରସ୍ତର ଉଦଘାଟନ କରିଥିଲେ। ଏହାପରେ ବସ୍ତୀ ବାସିନ୍ଦାଙ୍କ ଉନ୍ନତିକଳ୍ପେ ୨୦୦୮ରେ ଟାଟା କମ୍ପାନୀ ଓଡ଼ିଶା ସରକାରଙ୍କ ସହ ମିଶି ଜାଗା ମିଶନ ଲାଗି କାର୍ଯ୍ୟକ୍ରମ ହାତକୁ ନେଇଥିଲା। କେବଳ ସେତିକି ନୁହେଁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଟାଟା ଟ୍ରଷ୍ଟ ଓଡ଼ିଶାରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଦକ୍ଷତା ବିକାଶ ଭଳି କ୍ଷେତ୍ର ପାଇଁ କାର୍ଯ୍ୟ ଆରମ୍ଭ କରିଥିଲା। ମହାବାତ୍ୟା ଓ ଫନି ସମୟରେ ଟାଟା ଟ୍ରଷ୍ଟ ଓ ଟାଟା କମ୍ପାନୀ ଓଡ଼ିଶାର ପୁନର୍ଉଦ୍ଧାରରେ ସହଯୋଗର ହାତ ବଢ଼ାଇଥିଲେ। ତାଙ୍କର ସବୁଠାରୁ ବଡ଼ ସହଯୋଗ ହେଉଛି କଳିଙ୍ଗନଗର ଇସ୍ପାତ କାରଖାନା। କାରଣ ଏଠାରେ ଟାଟା ପକ୍ଷରୁ ସୁବୃହତ୍ତ କାରଖାନା ଗଢ଼ିଉଠିବା ପରେ ରାଜ୍ୟ ସହ ସ୍ଥାନୀୟ ଅଞ୍ଚଳର ଯୁବ ବର୍ଗ ବ୍ୟାପକ ଭାବେ କର୍ମସଂସ୍ଥାନ ପାଇବା ସହ ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତିରେ ଟାଟା ବିଶେଷ ସହଯୋଗର ହାତ ବଢ଼ାଇଥିଲା। ଡାକ୍ତରଖାନା, ବିଦ୍ୟାଳୟ ଓ ଧନ୍ଦାମୂଳକ ତାଲିମ ପ୍ରତିଷ୍ଠାନ ସ୍ଥାପନ ସହ ରାଜ୍ୟ ସରକାରଙ୍କ ସହ ଟାଟା କମ୍ପାନୀ ୨୦୦୪ରେ ଏମ୍‌ଓୟୁ କରିଥିଲା। ଅନେକ ହୁଏତ ଜାଣିନଥିବେ ବିଶ୍ୱର ସର୍ବବୃହତ୍ତ ବ୍ଲାଷ୍ଟ ଫର୍ନେଷ୍ଟ ଯାଜପୁରର କଳିଙ୍ଗନଗରରେ ଟାଟା ଷ୍ଟିଲ ସ୍ଥାପନ କରିଛି। ଏହାସହ କଳିଙ୍ଗନଗର ଫାସିଲିଟିରେ ଏଥିପାଇଁ ୨୭ ହଜାର କୋଟି ଟଙ୍କାର ପୁଞ୍ଜି ଲଗାଯାଇଛି। ସଂପ୍ରତି ୮ ନିୟୁତ ଟନକୁ ଏହି ୟୁନିଟର କ୍ଷମତା ବଢ଼ିଛି। ମେରାମୁଣ୍ଡଳୀରେ ୫.୧ ନିୟୁତ ଟନ ଓ ଗମ୍ଭାରିଆରେ ୧ ନିୟୁତ ଟନର କ୍ଷମତା ବିଶିଷ୍ଟ ଟାଟା ଷ୍ଟିଲର ପ୍ରକଳ୍ପ ଆରମ୍ଭ ହୋଇଛି। ଟାଟା ଟ୍ରଷ୍ଟ ଓଡ଼ିଶା ସରକାରଙ୍କ ସହଯୋଗରେ ଗ୍ରାମାଞ୍ଚଳରେ ଶିଶୁ ସ୍ୱାସ୍ଥ୍ୟ, ଶିଶୁ ପୋଷଣ ଓ ଗୁଣାତ୍ମକ ଶିକ୍ଷାର ବିକାଶ ସହ ଯୁବ ବର୍ଗଙ୍କ ଦକ୍ଷତା ବିକାଶ ଉପରେ ଫୋକସ କରି ଅନେକ ପ୍ରକଳ୍ପ ହାତକୁ ନେଇଛି।ମଜଣେ ଶାନ୍ତ, ଭଦ୍ର, ନମ୍ର ଓ ବିନମ୍ର ବ୍ୟବହାର ତଥା ଆଚରଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ରତନ ଟାଟା। ତାଙ୍କ ତମାମ ଜୀବନ ଭିତରେ କୌଣସି ସାମାନ୍ୟତମ ବିବାଦତ ଦୂରରେ କଥା କାହାଙ୍କୁ ତିଳେମାତ୍ର ଖରାପ ବ୍ୟବହାର ଦେବାର କେହି କେବେ ଦେଖି ନାହାଁନ୍ତି। କେବଳ ନିଜ କମ୍ପାନୀର ଛୋଟ କର୍ମଚାରୀ ନୁହଁନ୍ତି ବୟସରେ କମ ହୋଇଥିବା ଲୋକଙ୍କୁ ମଧ୍ୟ ସେ ସମ୍ମାନ କରୁଥିଲେ। ସେମାନଙ୍କର ସୁବିଧା ଅସୁବିଧା ବୁଝି ଯଥା ସମ୍ଭବ ସାହାଯ୍ୟ କରୁଥିଲେ। ତାଙ୍କ ବକ୍ତବ୍ୟ ଗୁଡ଼ିକ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ତାଙ୍କ କଥା ଗୁଡ଼ିକ ଏକ ଏକ ଜୀବନ ଚେତନାର ବାଣୀ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କ ବକ୍ତବ୍ୟ ଥିଲା – 'ସଫଳତା କେବଳ ଜଣେ ବ୍ୟକ୍ତି ନୁହେଁ, ଅନେକ ଲୋକଙ୍କ ହେବା ଦରକାର। କୌଣସି କାମ ଏକାକୀ ଆରମ୍ଭ କର କିନ୍ତୁ ତାହା ଯେତେବେଳେ ବହୁତ ବଡ଼ ସଫଳତା ପାଇବ ସେଥିରେ ଶହ ଶହ ଲୋକ ଉପକୃତ ହେବା ଦରକାର। କାମକୁ ସବୁବେଳେ ପୂଜା କର ଆଉ କାମକୁ ସର୍ବଦା ସମ୍ମାନ ପ୍ରଦାନ କର।' ଟାଟା ଗ୍ରୁପର ବ୍ୟବସାୟକୁ ୩୬୫ ବିଲିୟନ ଡଲାରରେ ପହଞ୍ଚାଇ ତାଙ୍କ ଗ୍ରୁପ ଅଧୀନରେ ୩୦ଟି କମ୍ପାନୀର ୧୦ ଲକ୍ଷରୁ ଅଧିକ ଲୋକ ଚାକିରି କରିଛନ୍ତି। କହିବାକୁଗଲେ ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ହେଉଛି ୩୮ ଶହ କୋଟି ଟଙ୍କା। କିନ୍ତୁ ନିଜ ଆୟର ୬୬% ରାଶି ଟାଟା ଟ୍ରଷ୍ଟକୁ ଦାନ କରୁଛନ୍ତି। କେବଳ ବ୍ୟବସାୟରେ ଯେ ଲାଭ ମିଳିଥାଏ ତାହା ନୁହେଁ ସମାଜକୁ ନିଜ ଜୀବନର ମହାର୍ଘ୍ୟ ଅବଦାନରୁ କିଛି ଫେରାଇବା ଉପରେ ସର୍ବଦା ଗୁରୁତ୍ୱ ଦେଇ ତାଙ୍କର ସେ ମୂଲ୍ୟବୋଧକୁ ଟାଟା ଗ୍ରୁପର ସମସ୍ତ କମ୍ପାନୀର ସବୁ କର୍ମଚାରୀଙ୍କ କର୍ତ୍ତବ୍ୟରେ ଦେଖିବାକୁ ମିଳେ। ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ଓ ପଦ୍ମ ବିଭୂଷଣ ମିଳିଥିଲେ ମଧ୍ୟ ଭାରତ ରତ୍ନ ଦେବା ପାଇଁ ନିକଟରେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଭାରତର ଅର୍ଥନୀତି ଓ ଏକ ଐତିହାସିକ ଅଗ୍ରଗତିର ଦ୍ୱାରରେ ଛିଡ଼ା ହୋଇଥିବାବେଳେ ରତନ ଟାଟାଙ୍କ ଜୀବନ ଓ କାମ ଏହି ଲକ୍ଷ୍ୟରେ ପହଞ୍ଚାଇବାରେ ବିଶେଷ ସହାୟକ ହୋଇଛି। ତାଙ୍କ ସଚ୍ଚୋଟତା, କରୁଣାଭରା ବ୍ୟକ୍ତିତ୍ୱ ଭବିଷ୍ୟତ ପିଢ଼ୀର କର୍ପୋରେଟ, ଉଦ୍ୟୋଗୀ ଓ ଭାରତୀୟ ମାନଙ୍କୁ ପ୍ରେରଣା ଯୋଗାଇବ ନିଶ୍ଚୟ। ତାଙ୍କ ଭଳି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସର୍ବଦା ଅମର। ତାଙ୍କ ଜୀବନ କୋଟି କୋଟି ଭାରତୀୟଙ୍କ ପାଇଁ ପ୍ରେରଣା ହେବ ଓ ସେ ଆମ ହୃଦୟରେ ବଞ୍ଚି ରହିବେ। ତାଙ୍କର ରାଷ୍ଟ୍ର ଗଠନର ପରମ୍ପରା ନୂଆ ପିଢ଼ୀକୁ ପ୍ରେରଣା ଯୋଗାଇବା ସହ ଉଲ୍ଲେଖନୀୟ ଜୀବନଯାତ୍ରା କେବଳ ଭାରତକୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ପ୍ରେରଣା ଯୋଗାଇବ।

*ଶ୍ରୀବିହାର କଲୋନୀ, କଟକ,*




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ

ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ୍ୟ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ତହସିଲ୍‌ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତ୍ରୀବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିଳ୍ପ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦୁ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।



# ଦୁଇଜଣିଆ କେନ୍ଦ୍ରୀୟ ଅଧିକାରୀଙ୍କ କେନ୍ଦ୍ରାପଡା ଗସ୍ତ





କେନ୍ଦ୍ରାପଡା, (ପି.ଏନ): କେନ୍ଦ୍ରାପଡାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ଓ କାର୍ଯ୍ୟକାରୀତାର ସମୀକ୍ଷା କରିଛନ୍ତି ଦୁଇଜଣ କେନ୍ଦ୍ରୀୟ ଅଧିକାରୀ। ସୋମବାର ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜାତୀୟ ଜୀବିକା ମିଶନର ବରିଷ୍ଠ ପ୍ରକଳ୍ପ ଅଧିକାରୀ ଅନୁପ ଯୋଶୀ ଓ ବରିଷ୍ଠ କାର୍ଯ୍ୟକ୍ରମ ସଂଯୋଜକ ସଚୀ ଯୋଗେନ୍ଦ୍ରନାଥ ବର୍ମା ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରି ଗତ ୨୦୨୩-୨୪ ଓ ୨୦୨୪-୨୫ ଅଗଷ୍ଟ ମାସ ସୁଦ୍ଧା କେତେ ଲକ୍ଷ୍ୟ ପୂରଣ ହୋଇଛି ତା' ଉପରେ ସମୀକ୍ଷା କରିଛନ୍ତି। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା, ଜାତୀୟ ଗ୍ରାମୀଣ ଜୀବିକା ମିଶନ, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ସାମାଜିକ ସହାୟତା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ ାୟତିରାଜ, ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡସ ଆଧୁନିକିକରଣ କାର୍ଯ୍ୟକ୍ରମ, ଦୀନଦୟାଲ ଗ୍ରାମୀଣ କୌଶଳ ଯୋଜନା, ଗ୍ରାମୀଣ ସ୍ୱୟଂ କର୍ମ ନିଯୋଜନ ପ୍ରଶିକ୍ଷଣ ପ୍ରତିଷ୍ଠାନର କାର୍ଯ୍ୟକାରୀତା ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ କେନ୍ଦ୍ରାପଡା ବିଡିଓ, ମାର୍ଶାଘାଇ, ମହାକାଳପଡା ଓ ପଟ୍ଟାମୁଣ୍ଡାଇ ବିଡିଓଙ୍କ ପ୍ରତିନିଧି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ମୃ ିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ସାମଲ, ଜୀବିକା ମିଶନର ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଦୁଇଜଣ କେନ୍ଦ୍ରୀୟ ଅଧିକାରୀ ପଟ୍ଟାମୁଣ୍ଡାଇ ବ୍ଲକର ଚନ୍ଦନନଗର ଓ ଗଙ୍ଗାରାମପୁର ଗ୍ରାମ ପ ାୟତ ଗସ୍ତ କରି ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ଆସନ୍ତା ୨-୩ ଦିନ ମଧ୍ୟରେ କେନ୍ଦ୍ରାପଡା, ମାର୍ଶାଘାଇ ଓ ମହାକାଳପଡା ବ୍ଲକର ବିଭିନ୍ନ ପ ାୟତକୁ ଗସ୍ତ କରି କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିବେ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ୱଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ, ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା, ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ, ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ, ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି



ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

# ତାରିଣୀ ମା'ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଲାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଲାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା'ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଲାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ



କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ, ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହ ିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ବାଙ୍କୀ କୋର୍ଟ ଆଗରେ ଦମ୍ପତିଙ୍କ ଘମାଘୋଟ ଯୁଦ୍ଧ, ଏହି କାରଣ ପାଇଁ ସ୍ୱାମୀକୁ ମାଡ ମାରିଲା ସ୍ତ୍ରୀ

କଟକ,(ପି.ଏନ): ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗିବା ଏକ ସାଧାରଣ କଥା। ବେଳେ ବେଳେ ବୈବାହିକ ଜୀବନରେ ଅଶାନ୍ତି ଏବଂ ଏକ୍ସଟ୍ରା ମ୍ୟାରିଟାଲ ଆଫେୟର୍ସ ପାଇଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଡ ଝଗଡା ଲାଗିଥାଏ। ଏହିସବୁ ମାମଲା ପ୍ରତିଦିନ ଦେଖିବାକୁ ଏବଂ ଶୁଣିବାକୁ ମିଳୁଥିବା ବେଳେ, ବର୍ତ୍ତମାନ ଏପରି ଏକ ଘଟଣା ବାଙ୍କୀ କୋର୍ଟ ସମ୍ମୁଖରେ ଘଟିଥିବା ଜଣାପଡିଛି। ବାଙ୍କୀ କୋର୍ଟ ଆଗରେ ଦମ୍ପତିଙ୍କ ହାଇଡ୍ରାମା ଦେଖିବାକୁ ମିଳିଛି। ଦ୍ୱିତୀୟ ବିବାହ କରିବାକୁ ଆସିଥିବା ସ୍ୱାମୀକୁ ମାଡମାରିଲା ସ୍ତ୍ରୀ। ସ୍ତ୍ରୀ ଜଣକ ସ୍ୱାମୀଙ୍କୁ ମାଡମାରି ଥାନାକୁ ନେଇଛି। ସୂଚନା ଅନୁଯାୟୀ, ସ୍ୱାମୀ ନାଁରେ ନିର୍ଯାତନା ଅଭିଯୋଗ ଆଣି ସ୍ତ୍ରୀ ନିଜ ବାପାଘରେ ରହୁଥିଲେ। ତେବେ ଯେତେବେଳେ ସେ ଜାଣିବାକୁ ପାଇଲେ, ତାଙ୍କ ସ୍ୱାମୀ ଦ୍ୱିତୀୟ ବିବାହ କରିବାକୁ କୋର୍ଟ ଯାଇଛି, ସେହି ସମୟରେ ସ୍ତ୍ରୀ ଜଣକ ଆସି କୋର୍ଟ ସାମ୍ନାରେ ହଙ୍ଗାମା କରିଥିବା ଜଣାପଡିଛି।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ



ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ଦୃଷ୍ଟିଆକର୍ଷଣ କଲେ ପରିବେଶବିତ୍, ପୂତିଗନ୍ଧମୟ ପରିବେଶରୁ ମୁକୁଳିଲେ ଅଞ୍ଚଳବାସୀ



ଭୁବନେଶ୍ୱର (ପିଏନ୍): କୁଢ଼ କୁଢ଼ ବର୍ଜ୍ୟର ପାହାଡ଼, ପୂତିଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶରୁ ମୁକୁଳିଛି ସ୍ମାର୍ଟନଗରୀ ଭୁବନେଶ୍ୱରର ୬୧ନଂ ୱାର୍ଡ ଅନ୍ତର୍ଗତ ଭୀମେଶ୍ୱରମାର୍ଗ ଅଞ୍ଚଳ। ସୂଚନାଯୋଗ୍ୟ ଉକ୍ତ ଅଞ୍ଚଳରୁ ସଂଗୃହିତ ବର୍ଜ୍ୟବସ୍ତୁଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ଜନବସତି ଅଞ୍ଚଳରେ ସଫେଇ କର୍ମଚାରୀମାନେ ଗଦା କରି ଆସୁଥିଲେ । ପରିସ୍ଥିତି ଓ ପରିବେଶ ଏପରି ବିଗିଡ଼ିଯାଇଥିଲା ଯେ ଲୋକେ ଦୁର୍ଗନ୍ଧରେ ଅତିଷ୍ଠ ହୋଇ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ଅଳିଆ ଉଠାଇବା ସମ୍ପର୍କରେ ସଫେଇ କର୍ମଚାରୀଙ୍କୁ କେହି ପଚାରିଲେ ଆମେ ଏ ବିଷୟରେ କିଛି କହିପାରିବୁ ନାହିଁ କହି ଚାଲିଯାଆନ୍ତି। ଧୀରେ ଧୀରେ ଏହି ଆବର୍ଜନାର ପାହାଡ଼ ରାସ୍ତା ଉପରକୁ ମାଡ଼ିଯାଇଥିଲା। ଆତଯାତ କରୁଥିବା ଲୋକେ ନାକରେ ରୁମାଲ୍ ଦେଇ ବହୁ କଷ୍ଟରେ ରାସ୍ତା ଅତିକ୍ରମ କରୁଥିଲେ। ଏଭଳି ପରିମଳ ଅବସ୍ଥା ଦେଖି ପରିବେଶବିତ୍ ସୁଶାନ୍ତ ସାହୁ ଏ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମର କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ୟାର ଶୀଘ୍ର ସମାଧାନ ପାଇଁ ନିବେଦନ କରିଥିଲେ। କମିଶନର ସମସ୍ୟାଟିକୁ ତୁରନ୍ତ ବିଚାରକୁ ନେଇ କିଛି ସମୟ ମଧ୍ୟରେ ଅଞ୍ଚଳଟିକୁ ଆବର୍ଜନାରୁ ମୁକ୍ତ କରିଦେଇଥିଲେ। ଏ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିବା ସହ କମିଶନରଙ୍କ ତ୍ୱରିତ ପଦକ୍ଷେପକୁ ଜନସାଧାରଣ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି।

## ଝୁମ୍ପୁରା ବିଡିଓଙ୍କ ନେତୃତ୍ୱରେ ଅର୍ଶଳା ଖେଳପଡିଆରେ ଚାରିଶହ ବୃକ୍ଷରୋପଣ

ଝୁମ୍ପୁରା (ପିଏନ୍)- ବୃକ୍ଷଲତା ମାନବ ସମାଜର ପରମ ମିତ୍ର । ଏହାକୁ ଆଖି ଆଗରେ ରଖି ଝୁମ୍ପୁରା ବ୍ଲକର ପ୍ରତି ପଚଂାୟତରେ ଥିବା ଖେଳପଡିଆ ଚର୍ତୁପାର୍ଶ୍ୱରେ ବୃକ୍ଷରୋପଣ କରି ସବୁଜବଳୟ ସୃଷ୍ଟି ସହ ସନ୍ଦୌର୍ଯ୍ୟକରଣ କରିବା ସ୍ଥାନୀୟ ବିଡିଓ ଉମାକାନ୍ତ ପରିଡାଙ୍କ ମୁଖ୍ୟ ଉଦ୍ଦେଶ୍ୟ । ତେବେ ଏହାକୁ ପାଥେୟ କରି ଝୁମ୍ପୁରା ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ଶ୍ରୀ ପରିଡାଙ୍କ ନେତୃତ୍ୱରେ ଅର୍ଶଳା ପଚଂାୟତର ଅର୍ଶଳା ଗ୍ରାମ ଖେଳପଡିଆ (ଷ୍ଟାଡିୟମ)ରେ ପ୍ରଥମ ଦିନରେ ଚାରିଶହ ବୃକ୍ଷରୋପଣ କରାଯାଇଛି । ସୂଚନାଯୋଗ୍ୟ ଅର୍ଶଳା ପଚଂାୟତକୁ ପରିଦର୍ଶନରେ ଯାଇଥିବା ବେଳେ ଖେଳପଡିଆ ବିଡିଓ ଶ୍ରୀ ପରିଡାଙ୍କ ନଜରକୁ ଆସିଥିଲା । ଖେଳପଡିଆ ଭିତରକୁ ଯାଇ ସେ ବୁଲାବୁଲି କରି ଚାରିପାଖରେ ବୃକ୍ଷରୋପଣ କରିବା ନିମନ୍ତେ ମନସ୍ଥ କରିଥିଲେ। ଏହାପରେ ପଂଚାୟତ ପ୍ରତିନିଧି, ପିଇଓ, ଜିଆରଏସ୍, କନିଷ୍ଠ ଯନ୍ତ୍ରୀଙ୍କ ସହ ବନୀକରଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରି ବୃକ୍ଷରୋପଣର ତାରିଖ ଏବଂ ଦିନ ଧାର୍ଯ୍ୟ କରାଯାଇଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଡିଓ ଉମାକାନ୍ତ ପରିଡା, ଏପିଇଓ ପୂର୍ଣ୍ଣଚନ୍ଦ୍ର ନାଏକ, ୧୭ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସୋମବାରୀ ମୁର୍ମୁ, ସମିତି ସଭ୍ୟା ଲିଲିମଣି ମାଝୀ, ପୂର୍ବତନ ସରପଂଚ ପ୍ରଶନ୍ନ ନାଏକ, ଜିଆରଏସ୍ କେଦାରନାଥ ମହାନ୍ତ, ମେଟ୍ ତଫାନ ନାଏକ, ସ୍ଥାନୀୟ ବୁଦ୍ଧିଜୀବୀ ଲୋକନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପ୍ରତୀକ ଭିଜନ ଥିଏଟର ପକ୍ଷରୁ ଯାଜପୁରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଯାଜପୁର (ପିଏନ୍): କଳାକାର ମାନଙ୍କୁ ସଂଗଠିତ କରି ଏକ ନୂତନ ଦିଗଦର୍ଶନରେ ନୈତିକ ବୋଧକ ବାର୍ତ୍ତା ବହନ କରୁଥିବା ରାଜ୍ୟର ଏକ ପ୍ରମୁଖ ଥିଏଟର ଅନୁଷ୍ଠାନ ପ୍ରତୀକ ଭିଜନ ପକ୍ଷରୁ ସ୍ଥାନୀୟ ଯାଜପୁରର ଖଣ୍ଡରା ଛକ ନିକଟରେ ଥିବା ଶିଶୁକଲ୍ୟାଣ ସ୍ୱାଧୀକାର ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ବରିଷ୍ଠ ନାଟ୍ୟକାର ବୈଦ୍ୟନାଥ ପଣ୍ଡା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁ, ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟଶର୍ମା, ସମ୍ମାନିତ ଅତିଥି ଭାବେ ଯୁବକବି ଜିତେନ୍ଦ୍ର ବେହେରା, ସାମ୍ବାଦିକ ସୁରେଶ କର ପ୍ରମୁଖ ଯୋଗ ଦେଇ ଏହି ଅନୁଷ୍ଠାନକୁ ଏକ ଅଗ୍ରଣୀ ଅନୁଷ୍ଠାନରୂପେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ।

ଜଣାଶୁଣା ଥିଏଟର ନିର୍ଦ୍ଦେଶକ ପ୍ରସନ୍ନ କୁମାର ବିଶ୍ୱାଳ, ଇଚ୍ଛାମୟୀ ଧଳ ଅନୁଷ୍ଠାନର ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ ସର୍ବସମ୍ମତିକ୍ରମେ କାର୍ଯ୍ୟକର୍ତ୍ତା ଚୟନ କରାଯାଇ ଆଗାମୀ ଦିବସର କାର୍ଯ୍ୟପନ୍ଥା ପାଇଁ ଏକ ଖସଡ଼ା ପ୍ରସ୍ତୁତି କରାଯାଇଥିଲା। ସୂଚନା ଅନୁଯାୟୀ ଏହି ବୈଠକରେ ସାମ୍ବାଦିକ ଟୁଟୁ ଭାଇଙ୍କ ସମେତ କଳାକାର ନୀଳାଦ୍ରି ସାହୁ, ଧନଞ୍ଜୟ ମିଶ୍ର, ଜିତେନ୍ଦ୍ର ସାହୁ, ପ୍ରଭାତ ଦାସ, ଅଙ୍କିତ କର, ସସ୍ମିତା ରାଉତ, ଅନିତା ସାହୁ, ଲିପିକା ସ୍ୱାଇଁ, ଯୋଗ ଦେଇ ନିଜର ମତବ୍ୟକ୍ତ କରିଥିଲେ।

## ଯାନବାହନ ଚଳାଚଳ ନେଇ ଟ୍ରାଫିକ୍ କଟକଣା ଲାଗୁ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ସହରର କେତୋଟି ନିର୍ଦ୍ଦିଷ୍ଟ ରାସ୍ତାରେ ଭାରୀଯାନ ଚଳାଚଳ ନେଇ ଜିଲ୍ଲା ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଥିଲା । ଦୁର୍ଘଟଣା, ଜୀବନହାନି ଏବଂ ଟ୍ରାଫିକ୍ ଜାମ୍ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଆଇ.ଟି.ଆଇ. ଛକରୁ ଭାୟା ବାଲେଶ୍ୱର ବସ୍ଷ୍ଟାଣ୍ଡ, ଏଫ.ଏମ୍. ଗୋଲେଇ ଦେଇ ସୁରଜ ହୋଟେଲ ଛକ, ପୋଲିସ ଲାଇନ ଛକରୁ ଭାୟା ଏଫ.ଏମ୍. କଲେଜ ଦେଇ ହେମକାପଦା ଛକ, ଫକୀରମୋହନ ଗୋଲେଇରୁ ଭାୟା ଫାଣ୍ଡି ଛକ, ଚିଡିଆପୋଲ, ସଦର ମହକୁମା ଡାକ୍ତରଖାନା, ସିନେମା ଛକ ଏବଂ ମୋତିଗଞ୍ଜ ବଜାର ଦେଇ ଟାଉନ ଥାନା, ଷ୍ଟେସନ ଛକରୁ ଭାୟା ଏଡିଏମ ଛକ, ଜିଲ୍ଲା ସ୍କୁଲ ଦେଇ ପାଣି ଟାଙ୍କି ଛକ, ମିର୍ଜାପୋଖରୀ ଛକରୁ ଭାୟା ମାଣିଖମ୍ବ ଏବଂ ବାରବାଟୀ ଦେଇ ବୁଢା କାର୍ତିକ ଛକ, ମିର୍ଜାପୋଖରୀରୁ ଭାୟା ଟାଉନହଲ ଏବଂ ସିନେମା ଛକ ଦେଇ ବେବିଲୋନ ଛକ, ଟେକନିକାଲ ସ୍କୁଲ ଛକରୁ ଭାୟା ଏଡିଏମ ଛକ, ରାଜାବଗିଚା ଦେଇ ନାରୀସଂଘ, ଷ୍ଟେସନ ଛକରୁ ଭାୟା ନାରୀସଂଘ ଦେଇ ପତୁଆଁପଦା ଛକ ପର୍ଯ୍ୟନ୍ତ ରାସ୍ତାଗୁଡିକରେ ସକାଳ ୮ଘଟିକା ୩୦ମିନିଟ୍ରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା ।

ହରିପୁର ପାର୍ଶ୍ୱରୁ ଆସୁଥିବା କେବଳ ଟ୍ରାକ୍ଟର, ମିନିଟ୍ରକ୍ଗୁଡିକୁ ଆନନ୍ଦ ବଜାର, ମାଲଗୋଦାମ, ଭାସ୍କରଗଞ୍ଜ ଛକ, ତେଲେଙ୍ଗା ସାହି ଛକ, ପୋଲିସ ଲାଇନ ଛକ ଦେଇ ଆଇ.ଟି.ଆଇ.ଛକ ଆଡକୁ ଯିବା ଓ ସେହି ସମାନ ରାସ୍ତା ଦେଇ ଫେରିବାକୁ ଅନୁମତି ଦିଆଯିବ । ସେହିପରି ଚାନ୍ଦିପୁର ଅଂଚଳରେ ସମୁଦ୍ର ବେଳାଭୂମିରେ ଗାଡି ଚାଳନା ଯୋଗୁଁ ଘଟୁଥିବା ଅଘଟଣକୁ କମାଇବା ପାଇଁ ସୋନପୁର ଛକରୁ ଆରମ୍ଭ କରି ଚାନ୍ଦିପୁର ପାନ୍ଥନିବାସ ପର୍ଯ୍ୟନ୍ତ ଯାନ ଚାଳନା ପାଇଁ ଉଦ୍ଦିଷ୍ଟ ନ ଥିବା ଅଂଚଳରେ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା। ଅନୁରୂପ ଭାବେ ଯାନବାହାନ ଚଳାଚଳ ପାଇଁ ଉଦ୍ଦିଷ୍ଟ ନ ଥିବା ତାଳସାରୀ ବେଳାଭୂମି ଅଂଚଳରେ ମଧ୍ୟ ସମସ୍ତପ୍ରକାର ଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦ୍ୱାରା ଅନୁମୋଦିତ ଆଦେଶନାମା ଅନୁଯାୟୀ ତା୩.୮.୨୦୨୨ରିଖରୁ ତା୧.୯.୨୦୨୨ରିଖ ପର୍ଯ୍ୟନ୍ତ ୩୦ଦିନ ପାଇଁ ଏହି ସମସ୍ତ କଟକଣା ବଳବତର ରହିଥିଲା।

## ବିଷ ବଳୟରେ ୯୦% ଭାରତୀୟ

### —ଅଧିକ ସଂକ୍ରମିତ ହେବେ ଶିଶୁ—

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ। ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା। ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ। ବିଷାକ୍ତ ବାୟୁରେ ଏହା ଭରପୁର। ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତି। ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି। ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି। ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ଼ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି। ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ)। ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ। ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫)। ଡବ୍ଲ୍ୟୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ। ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ। ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ଼ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋକ ବୃଦ୍ଧି କରିପାରେ। ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି। ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି। ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି। ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି। ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ। ମିଳୁନି ମୁକ୍ତ ଅମ୍ଳଜାନ। ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ। ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ଼ ସମ୍ପର୍କିତ ସୂଚନା ସ୍ଥାନ ପାଇଛି। ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି। ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି। ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାକ୍ସ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର ଶିଖାନ୍ତୁ। ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ। ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ।

## ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତଃ ଚନ୍ଦ୍ରଶେଖର ପତିଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍)-ବିଶିଷ୍ଟ ଶିକ୍ଷାବିତ୍ ତଥା ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସମୂହର ପ୍ରତିଷ୍ଠାତା ସ୍ୱର୍ଗତଃ ଚନ୍ଦ୍ରଶେଖର ପତିଙ୍କ ଦ୍ୱାଦଶାହରେ ଭାବବିହ୍ୱଳ ଶ୍ରଦ୍ଧାଂଜଳି ଅର୍ପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଶ୍ରଦ୍ଧାଂଜଳି ସଭାରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତଃ ପତିଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା 'ସ୍ମୃତି ଅର୍ଘ୍ୟ'କୁ ଲୋକାର୍ପିତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ସମାଜସେବୀ ଦିଲ୍ଲିପ୍ ଶ୍ରୀଚନ୍ଦନ, ଆଇନଜୀବୀ ଡ. ଲିଙ୍ଗରାଜ ସାହୁ, ସମାଜସେବୀ ପ୍ରକାଶ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ପତିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ତାଙ୍କ ଭ୍ରାତୃଦ୍ୱୟ ଶଶାଙ୍କ ଶେଖର ପତି, ହିଂମାଂଶୁ ଶେଖର ପତି, ପୁତ୍ରଦ୍ୱୟ ସୂର୍ଯ୍ୟପ୍ରକାଶ ପତି, ଶକ୍ତିପ୍ରକାଶ ପତି, ବିଦ୍ୟାଳୟ ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ ତଥା ସ୍ୱର୍ଗତଃ ପତିଙ୍କର ଅନ୍ୟତମ ସ୍ୱପ୍ନର ଅନୁଷ୍ଠାନ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ) ପରିଚାଳନା କରିଥିଲେ। ସ୍ୱର୍ଗତଃ ପତିଙ୍କ ଦେହାବସାନ ପରଠାରୁ ବ୍ରାହ୍ମଣ ଭୋଜନ, ଦୁଃଖୀରଙ୍କିଙ୍କ ସେବା ସହ ତାଙ୍କ ଏକାଦଶାହରେ ବିଦ୍ୟାଳୟ ପରିସରରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜନ କରାଯାଇ ଅମର ଆତ୍ମାର ସଦ୍ଗତି କାମନା କରାଯାଇଥିଲା। ଏହି ଅବସରରେ ଭଜନ ସମାରୋହ, ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ପ୍ରକାଶ ଥାଉକି ୧୯୬୩ ମସିହା ଅକ୍ଟୋବର ମାସ ୨୭ ତାରିଖରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତଃ ପତି ତାଙ୍କ ଜୀବନକାଳ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ରହି ବେଶ୍ ଲୋକପ୍ରିୟତା ହାସଲ କରି ଗତ ଜୁଲାଇ ମାସ ୩୦ ତାରିଖରେ ୫୯ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ।

## ଏନ୍ଓସି ଫାଉଣ୍ଡେସନ୍ ପକ୍ଷରୁ ରିଲିଫ୍ ପ୍ରଦାନ



ପାରାଦୀପ (ପିଏନ୍)-କରୋନା ମହାମାରୀ ପ୍ରଭାବରେ ସମସ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ନିକଟରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ପାରାଦୀପ ଅଂଚଳର ବିଭିନ୍ନ କଲୋନୀ ଓ ବସ୍ତି ବାସିନ୍ଦାମାନେ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ । ପରିସ୍ଥିର ଗମ୍ଭିରତାକୁ ହୃଦୟଙ୍ଗମ କରି ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏନ୍ଓସି ଫାଉଣ୍ଡେସନ୍ ରାଜ୍ୟ ସଂଯୋଜିକା ଶୈଳେନ୍ଦ୍ରୀ ସେନାପତିଙ୍କ ନେତୃତ୍ୱରେ ଫାଉଣ୍ଡେସନର ସଭ୍ୟାମାନେ ଅଠରବାଙ୍କୀର ପ୍ରାଣନାଥ କଲୋନୀ, ଲେପ୍ରସି କଲୋନୀ, ମୁଣ୍ଡାପଡା ବସ୍ତି, ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ପ୍ରମୁଖ ସ୍ଥାନରେ ଚୁଡା, ଗୁଡ, ବିସ୍କୁଟ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ। ସୁଚନା ଥାଉକି, କରୋନା ମହାମାରୀ ସମୟରେ ବିପଦକୁ ଖାତିର ନକରି ଏନ୍ଓସି ଫାଉଣ୍ଡେସନ୍ର ସଂଯୋଜିକା ଶ୍ରୀମତୀ ସେନାପତି ଏବଂ ତାଙ୍କର ସଦସ୍ୟା ମାନେ ସହରରେ ସଚେତନତା ସମେତ ନିଜସ୍ୱ ଆୟୋଜନରେ ସାଧାରଣରେ ମାସ୍କ, ସାନିଟାଇଜର ଏବଂ ରିଲିଫ୍ ସାମଗ୍ରୀ ଦୀର୍ଘ ଦିନ ବଂଟନ କରି ସାଧାରଣରେ ବେଶ୍ ପ୍ରଶଂସିତ ହୋଇଥିଲେ। ବିନା ସ୍ୱାର୍ଥରେ ସମାଜସେବା ପାଇଁ କାର୍ଯ୍ୟ କରୁଥିବା ଏହି ସଂସ୍ଥା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ।

## ରିଜିଓନାଲ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୁବଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁର ରାମବାଗ ସ୍ଥିତ ରିଜିଓନାଲ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜ ଅଧକ୍ଷ ପ୍ରମୋଦ କୁମାର ମହାନ୍ତିଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଡକ୍ଟର ବିଜୟ ସୁନ୍ଦର ରାୟ, ସମ୍ମାନୀୟ ଅତିଥି ଭାବେ ପ୍ରଫେସର ଅବଦୁଲ ଅଲ୍ଲୀ ଖାଁ, ରିଜିଓନାଲ ଜୁନିଅର କଲେଜର ଅଧକ୍ଷ ଅନିଲ କୁମାର ମହାନ୍ତି, ସ୍ୱାତି ପ୍ରିୟଦର୍ଶନୀ ଆର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଯୁବ ଅନ୍ତର୍ଜାତୀୟ ଯୁବ ଦିବସରେ ଆଜାଦକି ଅମୃତ ମହୋତ୍ସବ ସ୍କିଲ୍ ଡେଭ୍ଲପମେଣ୍ଟ କାର୍ଯ୍ୟକ୍ରମ, ମୋ କଲେଜ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରତିଯୋଗିତା ଯଥା: ଝୋଟି, ମୁରୁଜ, ବକ୍ତୃତା, ଗୀତ, ନାଚ, ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଅଛି। କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରଞ୍ଜିତ ସିଂ, ଜଗନ୍ନାଥ ପରିଡ଼ା, ସରୋଜ କୁମାର ଜେନା, ଶୁଭେନ୍ଦୁ ମହାପାତ୍ର, ଡକ୍ଟର ଶଶଧର ଦାସ, ବିଜୟ ଦାସ, ପ୍ରିୟରଂଜନ ପରିଡ଼ା, ଗୌରାଙ୍ଗ ଚରଣ ବେହେରା, ସୋମ୍ୟରଂଜନ ପଲାଇ, ଅଧ୍ୟାପିକା ବିଜୟିନୀ ପାକିଜା ସାମଲ, ବିଶ୍ୱାମିତ୍ର ଦାସ, ନିବେଦିତା ବେହୁରିଆ, ଅର୍ଣ୍ଣପୂର୍ଣ୍ଣ ଦାସ, ସଂଗୀତା ପତି, କ୍ଷୀରବ୍ଧି ସେଣ୍ଠ, ଝାନ୍ସୀ ରାଣୀ ମଲ୍ଲିକ, କୃଷ୍ଣପ୍ରିୟା ସାହୁ, ଶ୍ରଦ୍ଧାଞ୍ଜଳି ରାଉତ, ଅନିତା ପଣ୍ଡା, ମୁକ୍ତିପ୍ରଭା ସାମଲ, ସ୍ମିତାରାଣୀ ସାମଲ, ସତ୍ୟକାମ ମହାନ୍ତି, ସ୍ମୃତିରଂଜନ ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ହିମାଂଶୁ ରାଉତ, ସନ୍ତୋଷ ଦାସ, ହିମାଂଶୁ ସାହୁ, ବିରଞ୍ଚି ନାରାୟଣ ମହାନ୍ତି, ଅମର କୁମାର ବେହେରା, ଶ୍ୟାମସୁନ୍ଦର ମିଶ୍ର, ଶମ୍ଭୁନାଥ ଦାସ, ଚନ୍ଦନ ଦାସ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଅମୂଲ୍ୟ ରତନ, 'ଦ ଟଲ୍ ଲିଡର'

ଭାରତୀୟ ଶିଳ୍ପ ଜଗତର ସୁନାମ ଧନ୍ୟ ବ୍ୟକ୍ତିତ୍ୱ ଶିଳ୍ପପତି ରତନ ଟାଟାଙ୍କର ଛୟାଅଶି ବର୍ଷ ବୟସରେ ପରଲୋକ ହୋଇଯାଇଛି । ଅନେକ ହୁଏତ ଜାଣିନଥିବେ ଦେଶରେ ଷ୍ଟାର୍ଟଅପ୍ ବ୍ୟବସ୍ଥାର ବିକାଶ ପ୍ରତି ସମର୍ପିତ ଥିଲେ ରତନ ଟାଟା । ସେ ଲେନସକାର୍ଟ, ଅର୍ବାନ କମ୍ପାନୀ, ଫ୍ରାଷ୍ଟକ୍ରାଏ, ଓଲା, ଓଲା ଇଲେକ୍ଟ୍ରିକ, ମୋଗଲିକ୍ସ, ସ୍ନାପଡିଲ, କିଓରଫିଟ, ଅପଷ୍ଟକ୍ସ, ନେଷ୍ଟଆୱେ, କ୍ୟାସକରୋ, ଟାକ୍ସନ, ଜିଭାମି, ପେଟିଏମ ମଲ, ଯୋରଷ୍ଟୋରି, ଟର୍କ ମୋଟର୍ସ, ଆମ୍ପିୟର ଭେଇକିଲ, ସ୍ନାପବିଜ, କ୍ୱିକପଡ୍, ଆକ୍ୱିଓ, ଟି ବକସ, ଦି ପ୍ରିଣ୍ଟର, ବେହେକୋ, ଟିମ ଇଣ୍ଡସ, ବୋଲାଣ୍ଡ ଇଣ୍ଡଷ୍ଟ୍ରିଜ ଭଳି ଅନେକ ଷ୍ଟାର୍ଟଅପ୍‌ରେ ସେ ନିବେଶ କରିଥିଲେ । ନିଜ ଜୀବନ କାଳ ଭିତରେ ସେ ଅନେକ ଥର ଓଡ଼ିଶା ଆସିଥିଲେ । ଖଣିଜ ସମ୍ପଦ ବହୁଳ ରାଜ୍ୟ ଓଡ଼ିଶାରେ ଏକ ଇସ୍ପାତ କାରଖାନା ସ୍ଥାପନ କରିବା ଲାଗି ସେ ମନ ବଳାଇ ଥିଲେ । ପ୍ରଥମେ କାରଖାନାଟି ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ସ୍ଥାପନ ହେବ ବୋଲି ସ୍ଥିର ହୋଇଥିଲା । ୧୯୯୧ରେ ଟାଟା ଗ୍ରୁପର ନେତୃତ୍ୱ ଭାର ଗ୍ରହଣ କରିବାର କିଛି ବର୍ଷ ମଧ୍ୟରେ ସେ ଏହି ପ୍ରକଳ୍ପ ଉପରେ କାମ ଆରମ୍ଭ କରିଥିଲେ । ୧୯୯୫ ଡିସେମ୍ବର ୩୦ରେ ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି.ନରସିଂହ ରାଓଙ୍କ ସହ ଗୋପାଳପୁର ଆସିଥିଲେ । ସେଠାରେ ଶ୍ରୀ ନରସିଂହ ରାଓ ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରିଥିଲେ । ରାଜ୍ୟରେ ଶିଳ୍ପାୟନ ଠାରୁ ଆରମ୍ଭ କରି ବନ୍ଦର, ସୂଚନା ପ୍ରଯୁକ୍ତି, ବସ୍ତିବାସିନ୍ଦାଙ୍କ କଲ୍ୟାଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ରତନ ଟାଟାଙ୍କ ଉଲ୍ଲେଖନୀୟ ଯୋଗଦାନ ରହିଲା । ଯେତେବେଳେ ଓଡ଼ିଶାରେ ସୂଚନା ପ୍ରଯୁକ୍ତି ଶିଳ୍ପ ବିକାଶ ପର୍ଯ୍ୟାୟରେ ଥିଲା, ସେହି ସମୟରେ ରାଜ୍ୟ ଉପରେ ରତନ ଟାଟା ଭରସା ପ୍ରକଟ କରିଥିଲେ । ତାଙ୍କ ସମୟରେ ଟାଟା କନସଲଟାନ୍ସି ସର୍ଭିସେସ ଭୁବନେଶ୍ୱରରେ ଏହାର କ୍ୟାମ୍ପସ ସ୍ଥାପନ କରିବା ସହ ତାହାର ସମ୍ପ୍ରସାରଣ ମଧ୍ୟ କରିଥିଲା । ରାଜ୍ୟର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଲାଗି ରତନ ଟାଟାଙ୍କ ପ୍ରତିବଦ୍ଧତା ରାଜ୍ୟରେ ଏକ କ୍ୟାନସର ହସ୍ପିଟାଲ ସ୍ଥାପନ କରିବା ଲାଗି ହୋଇଥିବା ବୁଝାମଣାରୁ ପ୍ରମାଣିତ ହେଉଛି । ଭୁବନେଶ୍ୱରରେ ଏକ କ୍ୟାନସର ହସ୍ପିଟାଲ ସ୍ଥାପନ କରିବା ଲାଗି ଟାଟା ଟ୍ରଷ୍ଟ ପକ୍ଷରୁ ଯେଉଁ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା ସେହି କାର୍ଯ୍ୟକ୍ରମରେ ରତନ ଟାଟା ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥିଲେ । ଓଡ଼ିଶାରେ ଶହ ଶହ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ କରିବାରେ ରତନ ଟାଟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ତାଙ୍କ ଉଦ୍ୟମରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ଓଡ଼ିଶାର ଲିଭେବଲ ହାବିଟାଟ୍ ମିସନ । ଅଭିଯାନର ଲକ୍ଷ୍ୟ ଥିଲା ଥିଲା ବସ୍ତିରେ ବାସ କରୁଥିବା ଲୋକମାନଙ୍କ ଲାଗି ଆବଶ୍ୟକ ଭିତ୍ତିଭୂମିର ବ୍ୟବସ୍ଥା କରିବା । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ପୁରୀ ଓ ଗଞ୍ଜାମ ଜିଲ୍ଲାରେ ହିତାଧିକାରୀମାନଙ୍କୁ ଜମି କାଗଜପତ୍ର ପ୍ରଦାନ କରାଯାଇଥିଲା । ସେହି କାର୍ଯ୍ୟକ୍ରମରେ ନିଜେ ରତନ ଟାଟା ଯୋଗ ଦେଇଥିଲେ । ରତନ ଟାଟାଙ୍କ ସମ୍ପର୍କରେ ଏକ ଚମତ୍କାର ପୁସ୍ତକ ସମ୍ପର୍କରେ ଛୋଟିଆ ଉପସ୍ଥାପନ କରୁଛୁ । ଏ ସମ୍ପର୍କରେ ତାଙ୍କର ଚର୍ଚ୍ଚିତ ପୁସ୍ତକ 'ଦ ଟାଟାଜ : ହାଓ ଏ ଫେମିଲି ବିଲ୍ଟ ବିଜିନେସ ଆଣ୍ଡ ଏ ନେସନ'ରେ ଗିରୀଶ କୁବେର ଲେଖିଛନ୍ତି 'ରତନ ତାଙ୍କ ପାଇଁ ଏକ ସାଧାରଣ ଓ ଛୋଟିଆ କୋଠରିଟିଏ ନିର୍ମାଣ କରାଇଲେ, ଯେଉଁଠି ସେ କୌଣସି କନିଷ୍ଠ ଅଧିକାରୀଙ୍କ ସହ କଥା ହେଲାବେଳେ ବରିଷ୍ଠ ଅଧିକାରୀଗଣ ଦୈବାତ୍ ଆସି ପହଞ୍ଚିଲେ ହେଁ ସେ ସେମାନଙ୍କୁ ଅପେକ୍ଷା କରିବାକୁ କହୁଥିଲେ ।' ତାଙ୍କର ସମଭାବାପନ୍ନ ଆଚରଣ ଅନେକଙ୍କୁ ବିସ୍ମିତ କରୁଥିଲେ ବି ସେ ସେଥିପାଇଁ ସଭିଙ୍କର ପ୍ରିୟପାତ୍ର ହୋଇଥିଲେ । ୧୯୬୨ରେ ଜାମସେଦପୁରସ୍ଥ ଟାଟା ଇସ୍ପାତ କାରଖାନାରେ ଜଣେ ଶିକ୍ଷାନବୀସ ଭାବେ ଯୋଗ ଦେବାଠୁ ଆରମ୍ଭ କରି ଟାଟା ଗୋଷ୍ଠୀର ଅଧ୍ୟକ୍ଷ ଦାୟିତ୍ୱରୁ ଅବ୍ୟାହିତ ନେବା ପର୍ଯ୍ୟନ୍ତ ସେ ଏହି କମ୍ପାନୀକୁ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱର ଏକ ବିଶ୍ୱସନୀୟ ବ୍ରାଣ୍ଡ ଭାବେ ଯେଭଳି ଗଢ଼ି ତୋଳିଥିଲେ ତାର ପଟାନ୍ତର ନାହିଁ । ବର୍ତ୍ତମାନ ଟାଟା ଛଅଟି ମହାଦେଶର ଶତାଧିକ ଦେଶରେ ଚା'ପତି, ଲୁଣଠୁ ଆରମ୍ଭ କରି ଇସ୍ପାତ, ମୋଟରଗାଡ଼ି ଓ ସଫ୍ଟୱେର ପର୍ଯ୍ୟନ୍ତ ବହୁବିଧ ନିର୍ମାଣ, ସେବା ଓ



ଡ଼ଃ.ଅରୁନ୍ଧତୀ ଦେବୀ

ବ୍ୟାବସାୟିକ କାର୍ଯ୍ୟ କରୁଛି । ଭାରତରେ ସୂଚନା ବିପ୍ଳବ ହେଉ କି ସଂପୂର୍ଣ୍ଣ ଦେଶୀ ଜ୍ଞାନକୌଶଳରେ ବିକଶିତ ମୋଟର ଗାଡ଼ି ନିର୍ମାଣ କରିବା ହେଉ, ରତନ ଟାଟାଙ୍କ ଦୂରଦର୍ଶିତାର ଛାପ ସବୁଠି ଦେଖିବାକୁ ମିଳେ । ରତନଙ୍କ ବିଶ୍ୱସନୀୟତା ବୃଦ୍ଧିର କାରଣ କେବଳ ତାଙ୍କର କାର୍ଯ୍ୟଶୈଳୀ ନୁହେଁ, ବଦାନ୍ୟତା ଓ ପରୋପକାରିତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । କୋଭିଡ଼ ମହାମାରୀ ସମୟରେ ଟାଟା ନ୍ୟାସରୁ ତତ୍କାଳ ୫୦୦ କୋଟି ଓ ପରେ ଟାଟା କମ୍ପାନୀ ମାଧ୍ୟମରେ ପୁଣି ହଜାରେ କୋଟି ଟଙ୍କା ଦାନ ଦେବାରେ ସେ ଥିଲେ ଦେଶର ପ୍ରଥମ ଶିଳ୍ପପତି । ରତନଙ୍କ ବିୟୋଗ ଶିଳ୍ପଜଗତ ଓ ମୂଲ୍ୟବୋଧଭିତ୍ତିକ ବ୍ୟବସାୟ ପାଇଁ ଯେ ଏ ଅପୂରଣୀୟ କ୍ଷତି, ସେଥିରେ ସନ୍ଦେହ ନାହିଁ । ପଦ୍ମ ବିଭୂଷଣ ଓ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ରତନ ଟାଟା ମହାନ ଟାଟା ପରମ୍ପରାକୁ ଆଗକୁ ବଢ଼ାଇ ଏହାକୁ ବିଶ୍ୱସ୍ତରରେ ଅଧିକ ପ୍ରଭାବଶାଳୀ ଉପସ୍ଥିତି ପ୍ରଦାନ କରିଛନ୍ତି । ତାଙ୍କ ବିୟୋଗ ନିଶ୍ଚିତ ଭାବେ ଭାରତବାସୀଙ୍କ ଏକ ବିରାଟ ବଡ଼ କ୍ଷତି । ତାଙ୍କ ସଙ୍କୋଚତା ଓ କରୁଣାପୂର୍ଣ୍ଣ ବ୍ୟକ୍ତିତ୍ୱ ଭବିଷ୍ୟତ ପିଢ଼ୀର କର୍ପୋରେଟ, ଉଦ୍ୟୋଗୀ ଓ ଭାରତୀୟ ମାନଙ୍କୁ ପ୍ରେରଣା ଯୋଗାଇବ । ତାଙ୍କ ଭଳି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସର୍ବଦା ଅମର ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ବାରୁଅ ଗ୍ରାମପଂଚାୟତ ସରପଂଚଙ୍କ ବିରୋଧରେ ୱାର୍ଡସଭ୍ୟ/ସଭ୍ୟାଙ୍କ ଅନାସ୍ଥା ପ୍ରସ୍ତାବ ନୋଟିସ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ଗ୍ରାମପଂଚାୟତର ସରପଂଚ ସୁଶୀଳା ରାଉତଙ୍କ ବିରୋଧରେ ମୋଟ ୨୧ଜଣ ୱାର୍ଡସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ୧୭ଜଣ ୱାର୍ଡସଭ୍ୟ/ସଭ୍ୟାମାନେ ନାୟବ ସରପଂଚ ବସନ୍ତ ନାୟକ ଓ ୧୫ନମ୍ବର ୱାର୍ଡସଭ୍ୟ ଗୋବର୍ଦ୍ଧନ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ଉପଜିଲ୍ଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ନୋଟିସ ପ୍ରଦାନ କରିଥିବା ଜଣାପଡିଛି । ଗତ ୮ତାରିଖରେ ଏହି ଉପଲକ୍ଷେ ପଂଚାୟତର ନାୟବ ସରପଂଚ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ବାରୁଅସ୍ଥିତ ଶ୍ରୀ ସିଦ୍ଧ ମହାପୁରୁଷ ମଠ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ବୈଠକରେ ବାରୁଅ ପଂଚାୟତର ସରପଂଚ ଶ୍ରୀମତୀ ରାଉତଙ୍କ ମନମୁଖି ବେଆଇନ କାର୍ଯ୍ୟ ପାଇଁ ସୃଷ୍ଟି ହୋଇଥିବା ଅରାଜକତା ବାତାବରଣ ଉପରେ ଉପସ୍ଥିତ ପଂଚାୟତର ୱାର୍ଡସଭ୍ୟ/ସଭ୍ୟାମାନେ ବିଷଦ ଭାବେ ଆଲୋଚନା କରି ପ୍ରସ୍ତାବ ଗୃହିତ କରିଥିଲେ । ପ୍ରସ୍ତାବ ଗୁଡିକ ମଧ୍ୟରେ ଗତ ଏକବର୍ଷ ହେବ ପଂଚାୟତର ବୈଠକ ନବସିବା, ପଲ୍ଲିସଭା ଓ ଗ୍ରାମସଭା ଆହୁତ ନହୋଇ ପଂଚାୟତରେ ବିଭିନ୍ନ କାର୍ଯ୍ୟ କରାଯିବା, ପିଛିଲା ପଲ୍ଲିସଭାରେ ଚଂଚକତା ପୂର୍ଣ୍ଣ ଭାବେ ବ ମାନର କାର୍ଯ୍ୟ ଗୁଡିକୁ ଯୋଗ କରାଯିବା,ପଂଚାୟତକୁ ଆସୁଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ ଚିଠିପତ୍ରକୁ ପଂଚାୟତ ବୈଠକରେ ଆଲୋଚନା କରାନଯିବା ପ୍ରଭୃତି ସରପଂଚଙ୍କ ମନମୁଖି କାର୍ଯ୍ୟକୁ ପ୍ରତିପାଦିତ କରୁଛି । ଗତ ଫନୀ ବାତ୍ୟାରେ ପଂଚାୟତକୁ ଆସିଥିବା ରିଲିଫ ସାମଗ୍ରୀ ପଂଚାୟତର ଜନସାଧାରଣଙ୍କ ମଧ୍ୟରେ ବଂଟନ କରାନଯାଇ ଏବେବି ପଂଚାୟତର ଗୋଦାମଘରେ ଖତ ଖାଇବା ସରପଂଚଙ୍କ ଅବହେଳାର ନିଦର୍ଶନ । ପଂଚାୟତରେ ଗ୍ରାମ ଆଲୋକୀକରଣ ଯୋଜନାରେ ଲଗାଯାଇଥିବା ଷ୍ଟ୍ରିଟ ଲାଇଟରେ ବ୍ୟାପକ ଦୁର୍ନିତୀ, ଇନ୍ଦିରା ଆବାସ,ବିଜୁ ପକ୍କାଘର ଓ ମୋକୁଡିଆ ଯୋଜନାରେ ଠିକଣା ହିତାଧିକାରୀ ଚୟନ ନହେବା ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଉ । ଏହିସବୁ ଦୁର୍ନିତୀ, ବେଆଇନ, ଅବହେଳା ଓ ଭ୍ରଷ୍ଟାଚାର କାରଣରୁ ସରପଂଚ ଶ୍ରୀମତୀ ରାଉତଙ୍କ ଉପରୁ ଆସ୍ଥା ହରାଇ ତୁରନ୍ତ ତାଙ୍କୁ ଆଇନ ମୁତାବକ ବହିଷ୍କାର କରାଯିବା ପାଇଁ ବୈଠକରେ ଦାବୀ କରାଯାଇଛି । ବୈଠକରେ ସରପଂଚଙ୍କ ବିରୋଧରେ ଗୃହିତ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ବୈଠକରେ ୱାର୍ଡସଭ୍ୟ ଉମେଶ ଚନ୍ଦ୍ର ପରିଡା, ରାଜ କିଶୋର ନାୟକ, ମୀନତି ପରିଡା, ସୁକାନ୍ତି ଦାସ, ନକୁଳ ମଳିକ, ସଂଯୁକ୍ତା ବିଶ୍ୱାଳ, ରଶ୍ମିତା ମଳିକ, ସ୍ନେହଲତା ପାଳ, ପ୍ରବୀର କୁମାର ମଳିକ, ବିଦ୍ୟୁଲତା ସେଠୀ, ମମତା ସାମଲ, ମାନସ ପରିଡା, ରୁକ୍ମଣୀ ପରିଡା, ଗୋବର୍ଦ୍ଧନ ଦାସ, ମନୋରମା ବିଶ୍ୱାଳ ଓ ଲିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସରପଂଚ ଶ୍ରୀମତୀ ରାଉତଙ୍କ ବିରୋଧରେ କୋଟି କୋଟି ଟଙ୍କା ଆତ୍ମସାତର ଅଭିଯୋଗ ଆଣିଛନ୍ତି ୧୭ଟି ୱାର୍ଡର ୱାର୍ଡସଭ୍ୟ/ସଭ୍ୟା । ଏମଜିଏନଆରଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବନିକରଣ, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ବିନା କାର୍ଯ୍ୟରେ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ଏଭଳିକି କୋଭିଡ ସମୟରେ ମଧ୍ୟ ସରପଂଚ କୌଣସି ୱାର୍ଡସଭ୍ୟ/ସଭ୍ୟାଙ୍କୁ ନଜଣାଇ ନିଜେ ସବୁ ନିମ୍ନମାନର ଉପକରଣ କିଣିଥିବା ଅଭିଯୋଗ ହୋଇଛି । ୨୧ଟି ୱାର୍ଡରେ ୮୦ଟି ନିମ୍ନମାନର ବିଦ୍ୟୁତ ବଲ୍ବ ଲଗାଯାଇଥିବା ବେଳେ ୧୫୦ଟି ବଲ୍ବ ଲାଗିଥିବା ଦର୍ଶାଇ ପ୍ରତ୍ୟେକ ବଲ୍ବର ଦାମ ୧୫ହଜାର ୫ଶହ ଟଙ୍କା ଲେଖାଁଏ ବିଲ କରାଯାଇଥିବା ଅଭିଯୋଗ ହୋଇଛି । ସରପଂଚଙ୍କ ଏଭଳି ଏକଛତ୍ରବାଦ ନୀତି ବିରୋଧରେ ୱାର୍ଡସଭ୍ୟ/ସଭ୍ୟାମାନେ ବାଧ୍ୟ ହୋଇ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଥିବା କହିଛନ୍ତି । ଯଦି ସରକାରୀ ଆଇନ ଅନୁଯାଇ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସେମାନେ ବାଧ୍ୟ ହୋଇ ସବୁଦିନ ପାଇଁ ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭ କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁ ର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

# ଯୁବକକୁ ମାରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ସହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତୃତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୁର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥିଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା । ତେବେ ଆଜି ସକାଳେ କେନ୍ଦ୍ରାପଡାର ଏକ ସାଇଁଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।

# ଭଗବାନ ଦ୍ୱିବେଦୀଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକସଭା ପାଳିତ

ବାରିପଦା,(ପିଏନ)- ଓଡ଼ିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀଙ୍କ ପିତା ଭଗବାନ ଦ୍ୱିବେଦୀଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ମୟୂରଭଞ୍ଜ ବ୍ରାହ୍ମଣ ମହାସଭା ପକ୍ଷରୁ ସଭାପତି ଡ଼ା. ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା, ଉପସଭାପତି ଦୋଳଗୋବିନ୍ଦ ଦାଶ, କୋଷାଧ୍ୟକ୍ଷ ଅଚ୍ୟୁତ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ନରୋତମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆମେ ସମସ୍ତେ ଜଣେ ଉତମ ଯାଜ୍ଞିକ ବ୍ରାହ୍ମଣଙ୍କୁ ହରାଇ ଦେଇଛୁ । କର୍ମକାଣ୍ଡ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ସହ ଦକ୍ଷତା ରହିଥିଲା । ମୟୂରଭଞ୍ଜ ଜିଲ୍ଲା ସହ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ପ୍ରାୟ ୫ଶହରୁ ଅଧିକ ଯୋଜମାନ ରହିଥିଲେ । ସରଳ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱର ଆଧାରୀ ହୋଇଥିବା କାରଣରୁ ସମସ୍ତଙ୍କ ନିକଟରେ ପ୍ରିୟାପାତ୍ର ଓ ଆସ୍ଥା ଭାଜନ ହୋଇପାରିଥିଲେ । ତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ଏକ ଉତମ କର୍ମକାଣ୍ଡବିତ୍‌ଙ୍କୁ ସବୁଦିନ ନିମନ୍ତେ ହରାଇ ବସିଛି ବୋଲି ବକ୍ତାମାନେ ତାଙ୍କର ସ୍ମୃତି ଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାସଭାର ବରିଷ୍ଠ ସଭ୍ୟ ଆଶୁତୋଷ ଆଚାର୍ଯ୍ୟ, ବ୍ରଜକିଶୋର ଦାଶ, ଗୋପୀନାଥ ପଣ୍ଡା, ସିଦ୍ଧେଶ୍ୱର ଶତପଥୀ, କାମେଶ୍ୱର ତ୍ରିପାଠୀ, ସଭ୍ୟା ଭଗବତୀ ଦାଶ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭଗବାନଙ୍କ ନିକଟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

# ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ ।

# କୁତୁରଙ୍ଗ ପଂଚାୟତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମଦିବସ ପାଳିତ



କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତୁରଙ୍ଗ ଗ୍ରାମପଂଚାୟତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସରପଂଚ ସୀତାସୁନ୍ଦରୀ ମଲ୍ଲିକଙ୍କ ନେତୃତ୍ୱରେ କୁତୁରଙ୍ଗ ପଂଚାୟତର ସିଦ୍ଧ ମହାପୁରୁଷ ପୀଠରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ଅବସରରେ ୭୪ଟି ଦୀପଦାନ କରାଯିବା ସହିତ ଜନ୍ମଦିନ କେକ କଟାଯାଇଥିଲା । ଏଥିସହିତ ପଂଚାୟତର ଗରୀବ ଅସହାୟମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦୀର୍ଘ ନିରାମୟ ଜୀବନର କାମନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବନେତା ନରୋ ମ ମଲ୍ଲିକ, ଗୋଲଖ ଜେନା, ଅଶୋକ ଜେନା, ଦୁଃଶାସନ ମଳିକ, ସୁରେଶ ଚନ୍ଦ୍ର ସ୍ୱାଇଁ, ଅଜୟ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ପରିଡା, ସରକାରୀ ଆଇନଜୀବି ନିରଞ୍ଜନ ବଳ, କା କ ଚନ୍ଦ୍ର ସାମଲ, ବିଦ୍ୟାଧର ମଳିକ, ମନୋଜ କୁମାର ଜେନା, ଅଭିଜିତ ଆଟୋଇ, ରଶ୍ମିରଞ୍ଜନ ଆଟୋଇ, ଦେବଦ ଜେନା, ପ୍ରଭାକର ଦାସ, ଜ୍ଞାନଲୋଚନ ବେହେରା, ପ୍ରିୟରଞ୍ଜନ ମହାନ୍ତି, ଦିଲ୍ଲିପ କୁମାର ଦାସ, ସଚିଦାନନ୍ଦ ଦାସ, ବଳରାମ ଜେନା, ଯୁଧିଷ୍ଠିର ସାହୁ, ଅକ୍ଷୟ କୁମାର ସାହୁ, ମନୋରଞ୍ଜନ ମଳିକ, ଦଶୁରାମ ଦାସ, ନୀଳମଣି ଦାସ, ପ୍ରକାଶ ଦାସ, ଶୁକାନ୍ତ ମହାପାତ୍ର, ପଦ୍ମନାଭ ସାହୁ, ଶ୍ରୀଧର ଆଟୋଇ, ପ୍ରଫୁଲ୍ଲ ସ୍ୱାଇଁ, ନୀଳମଣି ଜେନା, ନୃସିଂହ ରାଉତଙ୍କ ସମେତ ପଂଚାୟତର ସମସ୍ତ ବିଜେଡିକର୍ମୀମାନେ ଉପସ୍ଥିତ ଥିଲେ ।

# ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ମାସ୍କ ବଂଟନ



କେନ୍ଦ୍ରାପଡା, (ପିଏନ)- ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମଦିବସ ପାଳନ ଅବସରରେ ସାଧାରଣ ଜନତାଙ୍କୁ ମାସ୍କ ବଂଟନ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ସେକ ମହମ୍ମଦ ଇନାୟତ(ଚନ୍ଦନ)ଙ୍କ ନେତୃତ୍ୱରେ ପୁରୁଣା ବସଷ୍ଟାଣ୍ଡରେ ଏବଂ ୧୫ନମ୍ବର ୱାର୍ଡରେ ଜନସାଧାରଣଙ୍କୁ କରୋନା ମହାମାରୀରୁ ରକ୍ଷା ନିମନ୍ତେ ଲୋକମାନଙ୍କୁ ସଚେତନ କରାଯାଇ ମାସ୍କ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରକିବୁର ରହେମାନ, ମହମ୍ମଦ ରୋସନ, ଅବଦୁଲ ମଜିଦ, ସେକ ଟିକିବାବୁ, ମହମ୍ମଦ ସହୀଦ, ସେକ ମୋତି, ସେକ ରୋହିତ, ସେକ ଜୁନୁ ଓ ସେକ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

# ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୁତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅ ଳବାସୀ ଦାବିକରିଛନ୍ତି ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Wednesday October 16 | ଭୁବନେଶ୍ୱର | ବୁଧବାର, ଅକ୍ଟୋବର ୧୬,୨୦୨୪ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



## ଦୁର୍ଗାପୂଜା ଆମର ସଂସ୍କୃତି ଏବଂ ସାମୂହିକ ସଦଭାବନାର ଅବିଚ୍ଛେଦ୍ୟ ଅଙ୍ଗ:ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର,(ପି.ଏନ): ଆମର ପର୍ବ ପର୍ବାଣୀ ଗୁଡ଼ିକ ଆମର ପରିଚୟ । ଦୁର୍ଗା ପୂଜା ସାମାଜିକ ସମରସତାର ଅନନ୍ୟ ବିଭବ । ଆମର ସଂସ୍କୃତି ଏବଂ ସାମୂହିକ ସଦଭାବନାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦଶହରା ଅବସରରେ ସମ୍ବଲପୁରରେ ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ଦର୍ଶନ କରିବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଗତ ୧୨ ଓ ୧୩ ତାରିଖ ଦୁଇଦିନ ଧରି କେନ୍ଦ୍ରମନ୍ତ୍ରୀ ଦଶହରାରେ ବିଭିନ୍ନ ମନ୍ଦିର ଓ ଦୁର୍ଗାପୂଜା ମଣ୍ଡପ ଦର୍ଶନ କରିଥିଲେ । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିର, ସମ୍ବଲପୁରର ମା' ପାଟଣେଶ୍ୱରୀ ମନ୍ଦିରରେ ଠାକୁରାଣୀଙ୍କ ଆଶୀର୍ବାଦ ନେଇଥିଲେ । ଅନେକ ସ୍ଥାନରେ ଦୁର୍ଗା ପୂଜା ମଣ୍ଡପ ଓ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଦର୍ଶନ ସହ ଆରାଧନା କରିଥିଲେ । ଅଇଁଠାପାଲି ଠାରେ ଆୟୋଜିତ ରାବଣ ପୋଡ଼ି ଉତ୍ସବ - ୨୦୨୪ରେ ସାମିଲ ହୋଇ ରାବଣ ଦହନ କରିଥିଲେ । ନୂଆପଡ଼ା ବରେଇପାଲି ଠାରେ ବାପୁଜି କ୍ଲବ ପକ୍ଷରୁ ଆୟୋଜିତ "ନୂଆଁଖାଇ ଭେଟଘାଟ୍ – ୨୦୨୪" କାର୍ଯ୍ୟକ୍ରମରେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତିବିଶେଷ ଓ ସମାଜସେବୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୁର୍ଗା ପୂଜା କେବଳ ଏକ ପର୍ବ ନୁହେଁ ବରଂ ଆମର ସାଂସ୍କୃତିକ ଐତିହ୍ୟର ପ୍ରତୀକ । ଆସୁରିକ ଶକ୍ତି ଉପରେ ଦିବ୍ୟଶକ୍ତି ; ଅଧର୍ମ ଉପରେ ଧର୍ମର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ । ଆମର କଳା, ସଂସ୍କୃତି, ପରମ୍ପରାକୁ ଉଜାଗର କରିବାର ଅନନ୍ୟ ଅବସର । ମା'ଙ୍କ ଉପାସନା ଐତିହ୍ୟରେ ଶତାବ୍ଦୀ ଶତାବ୍ଦୀର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ ଲୁକ୍କାୟିତ । ସେ ଆହୁରି କହିଛନ୍ତି ଯେ ପର୍ବ ପର୍ବାଣୀରେ ସମ୍ବଲପୁର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଦୁର୍ଗା ପୂଜା ମଣ୍ଡପ ବୁଲିବା ସମୟରେ ଅନେକ ଗୁରୁଜନ, ମାତୃଶକ୍ତି, ଶ୍ରଦ୍ଧାଳୁ ଏବଂ ବନ୍ଧୁମାନଙ୍କୁ ଭେଟି ବହୁତ ଖୁସି ଅନୁଭବ ହେଲା । ଦୁର୍ଗାପୂଜା ମେଢ ଗୁଡ଼ିକ ଖୁବ ଆକର୍ଷଣୀୟ ହୋଇଛି । ବିଭିନ୍ନ ପୂଜାମଣ୍ଡପରେ ସୁସଜ୍ଜିତ ତୋରଣ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଛି । ଅଭିନବ ଶୈଳୀରେ ନିର୍ମିତ ହୋଇଥିବା ତୋରଣ ଗୁଡ଼ିକ ଶିଳ୍ପୀଙ୍କ ସୃଜନଶୀଳତାକୁ ଦର୍ଶାଉଛି । ପ୍ରଭୁ ଶ୍ରୀରାମ, ମା' ଦୁର୍ଗା ଓ ମା' ସମଲେଇଙ୍କ ଆଶୀର୍ବାଦରୁ ସମାଜରୁ ଅନ୍ଧକାର ରୂପକ ରାବଣ ବିଲୁପ୍ତ ହେଉ । ଆମ ରାଜ୍ୟ ଓ ଦେଶ ପ୍ରଗତିର ପଥରେ ଆଗକୁ ଯାଉ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରାର୍ଥନା କରିଛନ୍ତି ।

### ଶ୍ରୀମନ୍ଦିରରେ ଓମ୍‌ଫେଡ୍ ଘିଅ ବ୍ୟବହାର ନେଇ ନିଷ୍ପତ୍ତି, ଚିଠି ଲେଖିଲେ ମୁଖ୍ୟ ପ୍ରଶାସକ

ଭୁବନେଶ୍ୱର/ପୁରୀ,(ପି.ଏନ): ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିରରେ କେବଳ ଓମ୍‌ଫେଡ୍ ଘିଅର ବ୍ୟବହାର ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି । ଏନେଇ ମୁଖ୍ୟ ପ୍ରଶାସକ ଚିଠି ଲେଖିଥିବା ସୂଚନା ମିଳିଛି । ଆବଶ୍ୟକତା ଦୃଷ୍ଟିରୁ ସ୍ୱତନ୍ତ୍ର ଡିପୋ ବ୍ୟବସ୍ଥା ପାଇଁ ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି । ମହାପ୍ରସାଦ ପ୍ରସ୍ତୁତି ଓ ଦୀପରେ କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର କରାଯିବ । ଘିଅ ଦାମ ହ୍ରାସ ପାଇଁ ନିଯୋଗ ଅନୁରୋଧ କରିଥିବା ଜଣାଇଛନ୍ତି । ଶ୍ରୀମନ୍ଦିର ଭିତରକୁ ଅନ୍ୟ ଘିଅ ନେଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଛି । ରୀ ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କ କହିଥିଲେ, ଶ୍ରୀମନ୍ଦିରରେ ନକଲି ଘିଅ ବ୍ୟବହାର ହେଉଥିବା ସମ୍ଭାବନା ରହିଛି । ତେଣୁ ଖୁବଶୀଘ୍ର ବ୍ୟବହୃତ ଘିଅର ମାନ ଯାଞ୍ଚ କରାଯିବ । ଏନେଇ ସୁଆର ଓ ମହାସୁଆର ନିଯୋଗ ସହ ଆଲୋଚନା କରାଯିବ । ଏହାପରେ ଖୁବଶୀଘ୍ର ମହାପ୍ରସାଦ ସହ ଦୀପରେ ବ୍ୟବହୃତ ହେଉଥିବା ଘିଅକୁ ଫୁଡ୍ ସେଫ୍ଟି ଅଫିସରଙ୍କ ଦ୍ୱାରା ଯାଞ୍ଚ କରାଯିବ । ଆବଶ୍ୟକ ପଡ଼ିଲେ ମହାପ୍ରସାଦ ଓ ଦୀପରେ ବ୍ୟବହୃତ ଘିଅ ମାନ ଯାଞ୍ଚ ହେବ । ତେବେ ମାନ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ।

## ଓଡିଶା ଜୁନିଅର ଟେନିସ ବଲ କ୍ରିକେଟ ଦଳ ୩୨ ତମ ଜାତୀୟ ଜୁନିଅର ଚ୍ୟାମ୍ପିଅନସିପ ପାଇଁ ହରିଆଣା ଗସ୍ତ



ଭୁବନେଶ୍ୱର,(ପି.ଏନ): ୩୨ ତମ ଜୁନିଅର ଜାତୀୟ ଟେନିସ ବଲ କ୍ରିକେଟ ଚ୍ୟାମ୍ପିୟାନସିପ ଅକ୍ଟୋବେର ୧୭ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ହରିୟାଣା ର ପନିପଥ ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଜୁନିଅର ଚ୍ୟାମ୍ପିଅନସିପ ରେ ଓଡିଶା ଟେନିସ ବଲ କ୍ରିକେଟ ଦଳ ହୀରାକୁଦ ଏକ୍ସପ୍ରେସ ଯୋଗେ ହରିଆଣା ଯାତ୍ରା କରିଛନ୍ତି , ଏହି ଖେଳାଳି ମାନେ ଟି. ଅମନ କୁମାର, ଏ ସ. ପ୍ରିୟାଂଶୁ, ରିତେଶ ବାତ୍‌ଛା, ଶ୍ରବନ ଦିଗଲ, ଶୁଭମ ଶତପଥି, ଆଶିଷ ମଲିକ, ସାଇ ସତ୍ୟମ, ପ୍ରଭୁଦତ୍ତ ଜେନା, ବିକ୍ରମ ନାୟକ, ରୁଦ୍ରନାରାୟଣ ଲେଙ୍କା, ସଞ୍ଜୟ ସିଆଲ, ପ୍ରବୋଧ କୁମାର ସିଙ୍ଗ, ଜ୍ୟୋତି ରଞ୍ଜନ ରାଉତ, ଦେବାଶିଷ ଜେନା , କୋଚ୍ ରାଜନ କୁମାର ନାୟକ , ସମୀରକାନ୍ତ ମହାପାତ୍ର ଚ୍ଳିତ ଚ୍ୟାମ୍ପିୟାନସିପ ରେ ଭାଗ ନେବା ପାଇଁ ଯାତ୍ରା କରିଛନ୍ତି । ସମସ୍ତ ଓଡିଶା ଦଳକୁ ଓଡିଶା ଟେନିସ ବଲ କ୍ରିକେଟ ସଙ୍ଗର ଅଧକ୍ଷ୍ୟ ସୁରଜ ମିଶ୍ର, ସମ୍ପାଦକ ଶିଥିଳ ପଣ୍ଡା,ସହ ସମ୍ପାଦକ ସୋମନାଥ ପରିଡା, ମୁଖ୍ୟ କୋଚ୍ ଚ୍କ୍ରଧର ମାଝୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ନୀଳାଦ୍ରିବିହାର ଲକ୍ଷ୍ମୀ ବଜାର ସଂଘର ଗଜଲକ୍ଷ୍ମୀ ପୂଜା



ଭୁବନେଶ୍ୱର,(ପି.ଏନ): ପାର୍ବଣ ଋତୁର ବଡପର୍ବ ଦଶହରା ପୂଜା ଶେଷ ହୋଇଛି । ଜଗତଜନନୀ ମା ଦୁର୍ଗା ମେଲାଣି ନେଇଛନ୍ତି । ବୁଧବାର ଧରାଧାମକୁ ଆଗମନ କରିବେ ଧନଦାତ୍ରୀ ମା ଗଜଲକ୍ଷ୍ମୀ । ଭୁବନେଶ୍ୱରର ବିଭିନ୍ନ ଅନୁଷ୍ଠାନ, କ୍ଲବ ଓ ବାଣିଜ୍ୟିକ ଅନୁଷ୍ଠାନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ନୀଳାଦ୍ରି ବିହାର ସେକ୍ଟର ୧ ଛକ ଲକ୍ଷ୍ମୀ ବଜାର ସଂଘ ପକ୍ଷରୁ ଚଳିତବର୍ଷ ଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେବାକୁ କମିଟି ତରଫରୁ ନିଷ୍ପ ି ନିଆଯାଇଛି । ଚଳିତ ବର୍ଷ ନବ ନିର୍ମିତ ସ୍ଥାୟୀ ମଣ୍ଡପରେ ପୂଜା ପାଇବେ ଅନ୍ନଦାତ୍ରୀ ମା ଗଜଲକ୍ଷ୍ମୀ । ବାଲିଅଁ । କାରିଗର ମାନଙ୍କ ଦ୍ୱାରା ୭ ଫୁଟର ମୂ ି ଓ ୧୪ ଫୁଟର ଜରି ଜମ୍ଭୁରା ମେଢ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହ ିଛି । ବୁଧବାର ରାତ୍ର ୯ ଘଟିକା ସମୟରେ କଳସ ଯାତ୍ରା, ୧୧ ଟାରେ ପୂଜାରମ୍ଭ ହୋଇ ଚକ୍ଷୁଦାନ, ଅଗ୍ନିସ୍ଥାପନ, ଉପଚାର ପୂଜା, ସହସ୍ର ନାମ, ଆଳତୀ ଓ ପୁଷ୍ପାଳୀ ଇତ୍ୟାଦି ଅନୁଷ୍ଠିତ ହେବ । ୫ ଦିନ ଧରି ଯଥାବିଧି, ରୀତିନୀତି ଅନୁସାରେ ମାଙ୍କ ପୂଜାର୍ଚ୍ଚନା କରାଯିବ । ପ୍ରତିଦିନ ମାଙ୍କ ପାଖରେ ଖେଚୁଡି ଭୋଗ ଲାଗି କରାଯାଇ ଶ୍ରଦ୍ଧାଳୁ ମାନଙ୍କୁ ବ ନ କରାଯିବ । ଏଥର ଚାରିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି । ଗୁରୁବାର ଭଜନ ସମାରୋହ, ଶୁକ୍ରବାର ଡ୍ୟାନ୍ସ ଧମାକା, ଶନିବାର ଭଜନ ସମାରୋହ, ରବିବାର ମେଲୋଡି ଓ ସୋମବାର ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବ । ସୁରକ୍ଷା ବ୍ୟବସ୍ଥା ପାଇଁ ଅଗ୍ନି ନିର୍ବାପକ ଓ ସିସିଟିଭି ବ୍ୟବସ୍ଥା କରାଯାଇଛି ଏବଂ ପ୍ରଶାସନର ସହଯୋଗ ଲୋଡା ଯାଇଛି । ବଜାରର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ସହଯୋଗ କରିବେ ବୋଲି ସଂଘର ସଭାପତି ତାରକ ମହାନ୍ତି, ସମ୍ପାଦକ ତାପସ କୁମାର ସାହୁ. ମୁଖ୍ୟ ସଂଯୋଜକ ସୁଶାନ୍ତ ନାୟକ କହିଛନ୍ତି ।

## ଅଙ୍ଗନୱାଡି କର୍ମୀ ରୋଜଗାର ବୃଦ୍ଧି ପାଇଁ ଅନ୍ୟ କାର୍ଯ୍ୟ କରିପାରିବେ: ହାଇକୋର୍ଟ

ନୂଆଦିଲ୍ଲୀ,(ପି.ଏନ): ଅଙ୍ଗନୱାଡି କାମ ବ୍ୟତୀତ ଅଙ୍ଗନୱାଡି କର୍ମୀମାନେ ଅତିରିକ୍ତ ଆୟର ଉତ୍ସ ଗ୍ରହଣ କରିପାରିବେ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି । ଅଦାଲତ କହିଛନ୍ତି ଯେ ଅଙ୍ଗନୱାଡି କର୍ମୀ ଭାବରେ ଅର୍ଜିତ ବେତନରୁ ନିଜର କିମ୍ବା ସେମାନଙ୍କ ପରିବାରକୁ ସହାୟତା କରିବା ସମ୍ଭବ ନୁହେଁ ଏବଂ ଅଧିକ ଆୟର ଉତ୍ସ ପାଇବା ସ୍ୱାଭାବିକ ନୁହେଁ, ସେମାନେ ଅନ୍ୟ କାର୍ଯ୍ୟ ମଧ୍ୟ କରିପାରିବେ ।ଅଙ୍ଗନୱାଡି କର୍ମୀଙ୍କର ସାର୍ଟିଫିକେଟ୍ ଉପରେ ଆପତ୍ତି ଉଠାଯାଇଥିଲା । ଏଥିରେ ଉଲ୍ଲେଖ କରାଯାଇଥିଲା ସେ ଅଙ୍ଗନୱାଡି କର୍ମୀ ଭାବରେ କାର୍ଯ୍ୟ କରିବା ସହିତ ଖାଲି ସମୟରେ ଏକ ଏନଜିଓରେ କାମ କରୁଥିଲେ । ତେବେ ହାଇକୋର୍ଟ ଏହାର ବିଚାର କରି ରାୟ ଦେଇଛନ୍ତି ଯେ, ଏଭଳି କରିବା କୌଣସି ଅପରାଧ ନୁହେଁ । ନିଜର ବଳକା ସମୟରେ ଅନ୍ୟ ଆୟର ଉତ୍ସରୁ ରୋଜଗାର କରିବାରେ କିଛି କ୍ଷତି ନାହିଁ ।ଜଷ୍ଟିସ୍ ସି ହରି ଶଙ୍କର ଏବଂ ସୁଧୀର କୁମାର ଜେନଙ୍କ ଡିଭିଜନ୍ ବେଞ୍ଚ୍ ସୁପରଭାଇଜର ଗ୍ରେଡ୍-୨ (ମହିଳା) ପଦବୀ ପାଇଁ ଆବେଦନ କରିଥିବା ଅଙ୍ଗନୱାଡି କର୍ମୀ ପ୍ରମିଳା ଦେବୀଙ୍କ ସପକ୍ଷରେ ଏହି ରାୟ ପ୍ରଦାନ କରିଛନ୍ତି ।ପ୍ରମିଳା ଅନ୍ୟ ରୋଜଗାର ମାଧ୍ୟମରେ ନିଜର ସାମାନ୍ୟ ଆୟକୁ ବ ?ାଇବାର ପ୍ରୟାସ କରୁଥିଲେ । ଦିଲ୍ଲୀ ସବର୍ଡିନେଟ୍ ସର୍ଭିସେସ୍ ସିଲେକସନ ବୋର୍ଡ (ଡିଏସଏସ ଏସବି) ତାଙ୍କୁ ଅତ୍ୟଧିକ ବୟସ ହୋଇଥିବାର କାରଣ ଦର୍ଶାଇ ତାଙ୍କର ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ ।ପ୍ରମିଳାଙ୍କ ପ୍ରାରମ୍ଭିକ ଆବେଦନକୁ ତାଙ୍କ ସପକ୍ଷରେ ରାୟ ଦେଇଥିବା କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍) ଶୁଣାଣି କରିଥିଲେ । ଟ୍ରିବ୍ୟୁନାଲ ତାଙ୍କ ସେବା ପ୍ରମାଣପତ୍ରକୁ ବୈଧ ବୋଲି ଜାଣିବାକୁ ପାଇଲେ ଏବଂ ତାଙ୍କ ଆବେଦନକୁ ପୁନର୍ବିଚାର କରିବାକୁ ଏବଂ ତାଙ୍କ ଡକ୍ୟୁମେଣ୍ଟ ଯାଞ୍ଚ କରିବାକୁ ଡିଏସଏସଏସବିକୁ ନିର୍ଦ୍ଦେଶ ଦେଇଥିଲେ ।ତଥାପି, କ୍ୟାଟ୍‌ର ନିଷ୍ପତ୍ତିକୁ ନେଇ ଅସନ୍ତୁଷ୍ଟ, ଡିଏସଏସଏସବି ହାଇକୋର୍ଟଙ୍କ ନିକଟକୁ ଆସିଥିଲେ । ଶେଷରେ ହାଇକୋର୍ଟ ଆବେଦନକୁ ଖାରଜ କରିଦେଇ ଟ୍ରିବ୍ୟୁନାଲର ରାୟକୁ କାଏମ୍ ରଖିଛନ୍ତି ।

## ଦଶମ ଓ ଦ୍ୱାଦଶ ଛାତ୍ରଛାତ୍ରୀଙ୍କ ପାଇଁ ବଡ ଖବର, ଏତିକି ଉପସ୍ଥାନ ନଥିଲେ ଦେଇପାରିବେନି ପରୀକ୍ଷା



ଭୁବନେଶ୍ୱର,(ପି.ଏନ): ୨୦୨୫ ମସିହାରେ ବୋର୍ଡ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ବଡ ଖବର । ଉଭୟର ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ । ୨୦୨୫ ମସିହାରେ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହି ନିୟମ ଲାଗୁହେବ । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପକ୍ଷରୁ ଏହି ବିଜ୍ଞପ୍ତି ଜାରି କରାଯାଇଛି । ବୋର୍ଡ ଗାଇଡଲାଇନ ଅନୁସାରେ, ଯେଉଁ ଛାତ୍ରଛାତ୍ରୀମାନଙ୍କର ବିଦ୍ୟାଳୟରେ ୭୫ ପ୍ରତିଶତ ଉପସ୍ଥାନ ରହିବ, ସେମାନେ ହିଁ ପରୀକ୍ଷା ଦେବା ପାଇଁ ଯୋଗ୍ୟ ହେବେ । ସମସ୍ତ ସିବିଏସଇ ଅନୁବନ୍ଧିତ ସ୍କୁଲ ଅଧକ୍ଷମାନଙ୍କୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ଦ୍ଦେଶନାମାର ଦୃଢ଼ କାର୍ଯ୍ୟକାରିତା ଉପରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦିଆଯାଇଛି । ଏଥିସହିତ ଅଭିଭାବକମାନଙ୍କୁ ଅବଗତ କରିବା ପାଇଁ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି । ଏନେଇ ପୂର୍ବରୁ ନିୟମ ରହିଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରାଯାଉନଥିଲା । ତେବେ ବର୍ତ୍ତମାନ ସିବିଏସଇ ପୂର୍ବରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ସବୁ ମହଲରୁ ଏହାକୁ ସ୍ୱାଗତ ମଧ୍ୟ କରାଯାଇଛି ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray